ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୩ ମେ , ୨୦୨୩



## ସଂକ୍ଷେପରେ

### ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ନେଇ ପ୍ରସ୍ତୁତି ବୈଠକ

କୋରାପୁଟ,୧୨।୫(ସ୍ୱ.ପ୍ର.)- କୋରାପୁଟସ୍ଥିତ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଜଗବନ୍ଧୁ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ କରିବା ପାଇଁ ବର୍ତ୍ତମାନ ସୁଦ୍ଧା ଦିନ ଧାର୍ଯ୍ୟ ହୋଇ ନାହିଁ। ରଥଯାତ୍ରା ପରେ ପ୍ରାୟତଃ କାର୍ତ୍ତିକ ପୂର୍ଣ୍ଣିମା ବେଳେ ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ କହିଛନ୍ତି। ସୁବର୍ଣ୍ଣ ଜୟନ୍ତୀ ଅବସରରେ ଯଜ୍ଞ ହେବାକୁ ଥିବାବେଳେ ଜଗନ୍ନାଥ ସଂସ୍କୃତିକୁ ନେଇ ଆଲୋଚନାଚକ୍ର, ଡ୍ରାମା ଓ ଛାତ୍ରୀଛାତ୍ରଙ୍କୁ ମଧ୍ୟରେ ବକ୍ତୃତା, କୁଇଜ ଏବଂ ରଚନା ପ୍ରତିଯୋଗିତା କରାଯିବ। ୧ ମାସ ପର୍ଯ୍ୟନ୍ତ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ ବୋଲି ଆଲୋଚନା ହୋଇଛି। ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟ ସଦସ୍ୟ ନାମ ପ୍ରକାଶ ପାଇଛି। କମିଟିରେ ଲଲାଟେନ୍ଦୁ ଦେଓ, ଭୀମସେନ ଜେନା, ଭବାନୀ ଆଚାର୍ଯ୍ୟ, ବିଜୟ ପଟ୍ଟନାୟକ, ଗିରିଜା ଶଙ୍କର ଚୌଧୁରୀ, ଅରୁଣ ଦାସ, ଉମାକାନ୍ତ ଦାସ, ପି.ସି.ମହାପାତ୍ର,ସୁଧାକର ପଟ୍ଟନାୟକ, ଅଜିତ ପାତ୍ର, କୃଷ୍ଣ ସିଂଙ୍କ ସହ କୋରାପୁଟ ସହରର ଜଗନ୍ନାଥପ୍ରେମୀମାନେ ଉପସ୍ଥିତ ଥିଲେ। ପୂର୍ବରୁ ମନ୍ଦିର ପରିଚାଳନା କମିଟିର ସାଧାରଣ ପରିଷଦ ବୈଠକ ଅଜିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲାପାଳ,ଏସ୍‌ପି ଓ ବିଧାୟକମାନେ ଅନୁପସ୍ଥିତ ଥିବାରୁ ରଥଯାତ୍ରା ପରେ ସାଧାରଣ ପରିଷଦ ବୈଠକ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଅଜିତ ପାତ୍ର କହିଛନ୍ତି। ଆଗାମୀ ବୈଠକରେ ମନ୍ଦିରର ଆୟବ୍ୟୟ, ସୁବର୍ଣ୍ଣ ଜୟନ୍ତୀ ପାଳନକୁ ନେଇ ଆଲୋଚନା କରାଯିବ ବୋଲି ସେ କହିଛନ୍ତି। ପ୍ରକାଶ କର ବୈଠକ ପରିଚାଳନା କରିଥିଲେ।

### ଦିନକରେ ୩ ଡକାୟତି

ବ୍ରହ୍ମପୁର ଅଫିସ,୧୨।୫-ବ୍ରହ୍ମପୁର ସହରରେ ଦିନକ ମଧ୍ୟରେ ୩ଟି ଡକାୟତି ଘଟଣା ନଜରକୁ ଆସିଛି। ଦୁଇଟି ଥାନା ଇଲାକାରେ ହୋଇଥିବା ଏହି ଘଟଣା ଲୋକଙ୍କ ମଧ୍ୟରେ ଆତଙ୍କର ବାତାବରଣ ସୃଷ୍ଟି କରିଛି। ସୂଚନା ଅନୁସାରେ ଗତ ୧୦ତାରିଖ ରାତି ୧ଟା ବେଳେ ଦିଗପହଣ୍ଡି ଥାନା କରପଡ଼ା ଗ୍ରାମରେ ରହୁଥିବା ଶିକ୍ଷକ ପ୍ରଶାନ୍ତ ଦିଗାଲ ଘରକୁ ଫେରୁଥିଲେ। ଦୁଇଟି ବୁଲେଟରେ ଆସି ୬ଜଣ ଯୁବକ ତାଙ୍କୁ ଅଟକାଇଥିଲେ। ସେମାନେ ତାଙ୍କର ବାଇକ୍ ଚାବି ଛଡ଼ାଇ ନେଇ ତାଙ୍କୁ ଆକ୍ରମଣ କରି ତାଙ୍କର ଦୁଇଟି ଦାମୀ ମୋବାଇଲ୍ ଲୁଟ୍ କରି ଚମ୍ପଟ ମାରିଥିଲେ। ସଦର ଥାନା ପୋଲିସ କେସ୍ ନମ୍ବର ୨୫୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଗୁରୁବାର ସକାଳ ପ୍ରାୟ ୫ଟା ବେଳେ ଲାଞ୍ଜିପଲ୍ଲୀ କେଶବନଗରର ପ୍ରଭୁପ୍ରସାଦ ବେହେରା ପ୍ରାତଃ ଭ୍ରମଣରେ ବାହାରିଥିଲେ। ଏହି ସମୟରେ ଖଜୁରିଆ ରାସ୍ତାରେ ଦୁଇଟି ବୁଲେଟରେ ୬ଜଣ ଯୁବକ ଆସି ତାଙ୍କର ସୁନା ମୁଦି ଓ ୧ହଜାର ଟଙ୍କା ଲୁଟି ନେଇଥିଲେ। ଏପରିକି ତାଙ୍କୁ ବନ୍ଧୁକ ଦେଖାଇ ଧମକ୍ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଗୋଷଣୀ ନୂଆଗାଁ ଥାନା ପୋଲିସ କେସ୍ ନମ୍ବର ୧୨୭/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଗୁରୁବାର ଅପରାହ୍ନ ୪ଟା ଜଣେ ବ୍ୟକ୍ତିଙ୍କୁ ମାରଣାସ୍ତ୍ର ଦେଖାଇ ତାଙ୍କ ଠାରୁ ଟଙ୍କା ଓ ମୋବାଇଲ ଲୁଟ୍ ହୋଇଥିଲା। ଶ୍ରୀରାମନଗରର ଧନୁ ସାହୁ ହଳଦିଆପଦରସ୍ଥିତ ଏକ ପରିବା ବଜାରକୁ ଯାଇ ଫେରୁଥିଲେ। ଏହି ସମୟରେ ୬ଜଣ ଯୁବକ ଦୁଇଟି ବୁଲେଟରେ ଆସି ପୁରୁଣା ଗୋଷାଣି ନୂଆଗାଁ ଥାନା ସମ୍ମୁଖରେ ତାଙ୍କୁ ଅଟକାଇଥିଲେ। ସେହି ଯୁବକମାନେ ତାଙ୍କୁ ମାଉଜର୍ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ତାଙ୍କ ପାଖରେ ଥିବା ୨ହଜାର ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ଏନେଇ ଧନୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନମ୍ବର ୧୨୮/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସିବିଏସ୍‌ସି ଦଶମ, ଦ୍ୱାଦଶ ପରୀକ୍ଷାଫଳ

### କେନ୍ଦ୍ରୀୟ ବିଦ୍ୟାଳୟ: ଦ୍ୱାଦଶରେ ସ୍ତୁତି ଗୁପ୍ତା, ଦଶମରେ ଅନନ୍ୟା ମହାନ୍ତି ପ୍ରଥମ

ନବରଙ୍ଗପୁର,୧୨।୫(ବି.ପ୍ର.)


ଅନନ୍ୟା

ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦ୍ୱାଦଶ ଓ ଦଶମ ପରୀକ୍ଷାର ଫଳ ଶୁକ୍ରବାର ପ୍ରକାଶ ପାଇଛି। ନବରଙ୍ଗପୁର କେନ୍ଦ୍ରୀୟ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ମୋଟ ୩୭ ଜଣ ଛାତ୍ରୀ ଛାତ୍ର ପରୀକ୍ଷା ଦେଇଥିବାବେଳେ ୩୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପାସ ହାର ୯୭.୨୯% ରହିଛି। ଛାତ୍ରୀ ସ୍ତୁତି ଗୁପ୍ତା ମୋଟ ୮୭.୬ ମାର୍କ ରଖି ପ୍ରଥମ ହୋଇଛନ୍ତି। ସେହିପରି ଦଶମ ଶ୍ରେଣୀ ପରୀକ୍ଷାରେ ମୋଟ ୫୨ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ଛାତ୍ରୀ ଅନନ୍ୟା ମହାନ୍ତି ମୋଟ ୯୪.୮ ପ୍ରତିଶତ ମାର୍କ ରଖି ପ୍ରଥମ ହୋଇଛନ୍ତି। ମାଆ ସସ୍ମିତା ମହାନ୍ତି ବାପା ରଘୁନାଥ ମହାନ୍ତିଙ୍କ ଝିଅ ଅନନ୍ୟା ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଛନ୍ତି। ସଫଳତାର ଶ୍ରେୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଟ୍ୟୁସନ ସାର ଦିଲୀପ କୁମାର ସାହୁଙ୍କ ସମେତ ମାଆ ବାପାଙ୍କୁ ଦେଇଛନ୍ତି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଜିଲାପାଳ ଡ କମଳ ଲୋଚନ ମିଶ୍ର ପାସ ହୋଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଅଧ୍ୟକ୍ଷ କେ.କରୁନ ମଧ୍ୟ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଅର୍ପିତା ତ୍ରିପାଠୀ ନବରଙ୍ଗପୁର ଜିଲା ଟପ୍ପର

ନବରଙ୍ଗପୁର, ୧୨।୫(ବି.ପ୍ର.)



ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଅର୍ପିତା ତ୍ରିପାଠୀ ସିବିଏସସି ମାଟ୍ରିକ ପରୀକ୍ଷାରେ ୯୭.୨ ପ୍ରତିଶତ ମାର୍କ ରଖି ଜିଲାରେ ପ୍ରଥମ ହୋଇଛନ୍ତି। ଦୈନିକ ୮ ଘଣ୍ଟା ପରିଶ୍ରମ କରୁଥିଲେ ବୋଲି ଅର୍ପିତା କହିଛନ୍ତି। ସୁନୀତି ତ୍ରିପାଠୀ ଓ ଡାବୁଗାଁ ଏବିଡିଓ ପଦ୍ମନାଭ ତ୍ରିପାଠୀଙ୍କ ଝିଅ ଅର୍ପିତା ଭବିଷ୍ୟତରେ ସେ ଜଣେ ଆଇଏଏସ୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅର୍ପିତା ବିଦ୍ୟାଳୟର ଶିକ୍ଷୟତ୍ରୀ, ଶିକ୍ଷକ ଓ ମାଆ ବାପାଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

### ଦ୍ୱାଦଶରେ ୨୯% ଓ ଦଶମରେ ୫୭ % ପାସ୍ ହାର

ବୈପାରୀଗୁଡ଼ା, ୧୨।୫(ଡି.ଏନ୍.ଏ.)

ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ ପାଇଛି। ଚଳିତ ବର୍ଷ ବୈପାରୀଗୁଡ଼ା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବ୍ୟାଚ ବିଜ୍ଞାନରେ ଦ୍ୱାଦଶ ପରିକ୍ଷା ଦେଇଥିଲେ। ୪୧ ଜଣ ପରୀର୍କ୍ଷାଥୀଙ୍କ ମଧ୍ୟରୁ ୧୨ ଜଣ ପାସ୍‌ହୋଇଛନ୍ତି। ୭ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଦିପିକା ବେହେରା ୭୯ .୪୦ ମାର୍କ ରଖି ସ୍କୁଲରେ ପ୍ରଥମ ହୋଇଛନ୍ତି। ସେହିପରି ୫୪ ଜଣ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୧ ଜଣ ପାସ୍ କରିଛନ୍ତି। ୪ ଜଣ ପରୀକ୍ଷାର୍ଥୀ ୮୦ ପ୍ରତିଶତରୁ ଅଧିକା ନମ୍ବର ରଖିଛନ୍ତି। ରଶ୍ମୀ ରଞ୍ଜନ ବିଷୋୟୀ ୮୬ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପରହୋଇଛନ୍ତି।

### ଉମରକୋଟ୍ ଗୁରୁକୃପା ପବ୍ଲିକ ସ୍କୁଲର ଶତପ୍ରତିଶତ ପାସ୍‌ହାର

■ଅର୍ପିତ ଜୈନ ସ୍କୁଲ ଟପ୍ପର

ଉମରକୋଟ, ୧୨।୫(ସ୍ୱ.ପ୍ର.)



କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ଗତ ବର୍ଷ ପରି ଚଳିତବର୍ଷ ମଧ୍ୟ ନବରଙ୍ଗପୁର ଜିଲା ଉମରକୋଟ୍‌ସ୍ଥିତ ଗୁରୁକୃପା ପବ୍ଲିକ ସ୍କୁଲର ଫଳାଫଳ ଶତ ପ୍ରତିଶତ ହୋଇଛି। ଅର୍ପିତ ଜୈନ ୯୦ % ମାର୍କ ରଖି ସ୍କୁଲର ଟପ୍ପର ହୋଇଛନ୍ତି। ମନୋଜ ଖୁରା ଓ ମଧୁସ୍ମିତା ସାହୁ ୮୭% ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ଦଶମ ଶ୍ରେଣୀରେ ମୋଟ ୨୮ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ଜଣେ ଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବରରେ ୭, ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ୧୩ ଏବଂ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଅନୁଷ୍ଠାନର ଏହି ସଫଳତା ନିମନ୍ତେ ଗୁରୁକୃପା ଅନୁଷ୍ଠାନର ସଭାପତି ମନୋଜ କୁମାର ପାଢ଼ୀ, ସମ୍ପାଦିକା ସାଗରିକା ପଟ୍ଟନାୟକ, ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସ୍ୱପ୍ନା ପାଣିଗ୍ରାହୀ ସମସ୍ତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଶିତିଲଗ୍ନା ଦଶମରେ କୋରାପୁଟ ଟପ୍ପର

କୋରାପୁଟ,୧୨।୫(ସ୍ୱ.ପ୍ର.)



ସିବିଏସସି ଦଶମ ପରୀକ୍ଷାରେ କୋରାପୁଟର ଟପ୍ପର ହୋଇଛନ୍ତି ସିତିଲଗ୍ନା ଶତପଥୀ ଟପ୍ପର ହୋଇଛନ୍ତି। କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ ଶୀତିଲଗ୍ନା ୯୬.୮% ନମ୍ବର ରଖିଛନ୍ତି। ସେ କିଛିଦିନ ତଳେ ସଂସଦର କେନ୍ଦ୍ରୀୟ କକ୍ଷରେ ବକ୍ତବ୍ୟ ପ୍ରଦାନ କରି ଓଡିଶାର ଏକମାତ୍ର ଝିଅଭାବେ ରାଜ୍ୟ ପାଇଁ ସୁନାମ ଆଣିଥିଲେ।

## ଶାନ୍ତନୁ, ପ୍ରେମାଂଶ ଦ୍ୱାଦଶ ବିଜ୍ଞାନ,ସ୍ୱସ୍ତିକା ବାଣିଜ୍ୟ, ଶ୍ରେୟାସ୍ମିଗ୍ଧା ଦଶମ ଟପ୍ପର

ଦାମନଯୋଡ଼ି,୧୨।୫(ଡି.ଏନ୍.ଏ.)


ଶାନ୍ତନୁ ପ୍ରେମାଂଶ ସ୍ୱସ୍ତିକା ଶ୍ରେୟାସ୍ନିଗ୍ଧା

ଦାମନଯୋଡିର ନାଲକୋ ଟାଉନସିପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ(ଡିପିଏସ୍)ର ଶତ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଦ୍ୱାଦଶ ବିଜ୍ଞାନରେ ସମସ୍ତ ୬୬ପିଲା ୬୩ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଶାନ୍ତନୁ ସାହୁ ଓ ପ୍ରେମାଂଶ ଚକ୍ରବର୍ତ୍ତୀ ଉଭୟ ୯୭% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ନାଲକୋ ଇଲେକ୍ଟ୍ରିକାଲର ଠିକାଦାର ସଦାନନ୍ଦ ସାହୁଓ ରାଜଲକ୍ଷ୍ମୀଙ୍କ ପୁଅ ଶାନ୍ତନୁ ଭବିଷ୍ୟତରେ କମ୍ପ୍ୟୁଟର ଇଞ୍ଜିନିୟର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ ଇନ୍ସପେକ୍ଟର ମନୋଜ ଚକ୍ରବର୍ତ୍ତୀ ଓ ପ୍ରୀତି ଚକ୍ରବର୍ତ୍ତୀଙ୍କ ପୁଅ ପ୍ରେମାଂଶ କମ୍ପ୍ୟୁଟର କିମ୍ବା ମେକାନିକାଲ ଇଞ୍ଜିନିୟର ହେବି ବୋଲି କହିଛନ୍ତି।

ସେହିପରି ବାଣିଜ୍ୟରେ ପରୀକ୍ଷା ଦେଇଥିବା ସମସ୍ତ ୨୨ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ସ୍ୱସ୍ତିକା ଠାକୁର ୯୭ % ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସେ ଏକାଉଣ୍ଟାନସୀ ବିଷୟରେ ୧୦୦ନମ୍ବର ରଖିଛନ୍ତି। ଭବିଷ୍ୟତରେ ଚାଟାର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଥିବା ନାଲ୍‌କୋ ପ୍ରଶାସନିକ ବିଭାଗ ଉପମହାପ୍ରବନ୍ଧକ ବିନୟ ଠାକୁର ଓ ସଂଗୀତା ଠାକୁରଙ୍କ ଝିଅ ସ୍ୱସ୍ତିକା କହିଛନ୍ତି।

ଦଶମ ବୋର୍ଡ ପରୀକ୍ଷାରେ ମଧ୍ୟ ସ୍କୁଲର ସମସ୍ତ ୧୦୬ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ଶ୍ରେୟାସ୍ନିଗ୍ଧା ଜେନା ୯୭.୨% ନମ୍ବର ରଖି ସ୍କୁଲ ଟପ୍ପର ହୋଇଛନ୍ତି। ସିଭିଲ ସର୍ଭିସ ପାଇଁ ଲକ୍ଷ୍ୟ ରଖିଥିବା ନାଲକୋ ମେକାନିକାଲ ବିଭାଗ ଇଞ୍ଜିନିୟର ଜଗନ୍ନାଥ ଜେନା ଓ ନିବେଦିତାଙ୍କ ଝିଅ ଶ୍ରେୟା କହିଛନ୍ତି। ଛାତ୍ରୀ ସ୍ୱାତୀ ୯୬.୨%ନମ୍ବର ରଖି ସ୍କୁଲରେ ଦ୍ୱିତୀୟ କ୍ରିଷ୍ଣାଞ୍ଜଳୀ ଆଚାର୍ଯ୍ୟ ୯୬% ନମ୍ବର ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ମୋଟ ୨୯ଜଣ ଛାତ୍ରୀ ଛାତ୍ର ୯୦% ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସଂସ୍କୃତ ବିଷୟରେ ସର୍ବାଧିକ ୧୭ଜଣ ପିଲା ୧୦୦ନମ୍ବର ଲେଖାଏ ରଖିଛନ୍ତି। ଡିପିଏସ୍ ଅଧ୍ୟକ୍ଷା ଦୀପାନ୍ୱିତା ଦାସଙ୍କ ସହିତ ଶିକ୍ଷୟତ୍ରୀ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି।

### ଡିପିଏସରେ ଶତ ପ୍ରତିଶତ ପାସ୍


ସୀମାନ୍ତ ଆନ୍ଧ୍ରପ୍ରଦେଶ ପାର୍ବତୀପୁର ମାନ୍ୟମ ଜିଲାର କାତ୍ରାଗାଡ଼ା ନିକଟରେ ଶୁକ୍ରବାର ଠାବ ହୋଇଥିବା ହାତୀଙ୍କ ମୃତଦେହ ।

## ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା

ରାୟଗଡା ଅଫିସ,୧୨।୫

ରାୟଗଡା ସହର ଉପଖଣ୍ଡ ପିତାମହଲସ୍ଥିତ ସେଞ୍ଚୁରିଆନ ବିଶ୍ୱ ବିଦ୍ୟାଳୟ ଦ୍ୱାରା ପରିଚାଳିତ ସେଞ୍ଚୁରିୟାନ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଚଳିତ ସିବିଏସଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନରେ ଅଧ୍ୟନରତ ୪୦ଜଣ ବିଦ୍ୟାର୍ଥୀ ଦଶମ ପରୀକ୍ଷା ଦେଇଥିବାବେଳେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଛାତ୍ର ଏ. ରୋହନତ ସର୍ବାଧିକ ୯୨ପ୍ରତିଶତ ନମ୍ବର ରଖି ଶିକ୍ଷାନୁଷ୍ଠାନର ଟପ୍ପର ହୋଇଛନ୍ତି। ସେହିପରି ମୋଟ ୨୧ଜଣ ଶିକ୍ଷାର୍ଥୀ ୬୦ରୁ ଉର୍ଦ୍ଧ୍ୱ ପ୍ରତିଶତ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ ହୋଇଛନ୍ତି । ଅନୁରୂପ ଦ୍ୱାଦଶ ଶ୍ରେଣୀରେ ମୋଟ ୧୧୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ପ୍ରଥମ ଶ୍ରେଣୀରେ ମୋଟ ୮୨ଜଣ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ପବନ ପଟ୍ଟନାୟକ, ଇପିଲି ସ୍ୱାତୀ, ଆକାଂକ୍ଷିକା ଖାଡଙ୍ଗା ଓ ଶୈଳଶ୍ରୀ ପରିଡା ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ପାସ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅଭିଭାବକମାନେ ଖୁସି ବ୍ୟକ୍ତ କରିଛନ୍ତି। ପୂର୍ବବର୍ଷ ଭଳି ଚଳିତବର୍ଷ ମଧ୍ୟ ଛାତ୍ରଛାତ୍ରୀ ଉତ୍ତମ ପ୍ରଦର୍ଶନ କରି ସର୍ବାଧିକ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ପାସ କରିଥିବାରୁ ସେଞ୍ଚୁରିଆନ ଶିକ୍ଷାନୁଷ୍ଠାନର ପ୍ରତ୍ୟେକ ଶିକ୍ଷକ ଏବଂ ଶିକ୍ଷୟତ୍ରୀମାନଙ୍କୁ ଅଭିଭାବକମାନେ ଏହାର ଶ୍ରେୟ ଦେଇଛନ୍ତି। ଶିକ୍ଷାନୁଷ୍ଠାନର ପରିଚାଳନା ମଣ୍ଡଳୀଙ୍କ ଅହରହ ଉଦ୍ୟମ ଏବଂ ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ସହଯୋଗରୁ ଶିକ୍ଷାନୁଷ୍ଠାନକୁ ସଫଳତା ମିଳିଥିବା ସେଞ୍ଚୁରଆନ ପବ୍ଲିକ ସ୍କୁଲ ନିର୍ଦ୍ଦେଶକ ରାଜେଶ ପାଢୀ ପ୍ରକାଶ କରିଛନ୍ତି । ଏଥିସହିତ ସେ ଭଲ ନମ୍ବର ରଖି ଉର୍ତ୍ତିଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଭବିଷ୍ୟତରେ ଅନୁରୂପ କଠିନ ପରିଶ୍ରମ କରି ପେଶାଦାର ଓ ବ୍ୟକ୍ତିଗତ ଜୀବନରେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଛନ୍ତି । ସିବିଏସଇ ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ସେଞ୍ଚୁରିଅନ ପବ୍ଲିକ ସ୍କୁଲର ଶତ ପ୍ରତିଶତ ସଫଳତା ପାଇଁ ସମ୍ପୂର୍ଣ୍ଣ ଶ୍ରେୟ ଛାତ୍ରଛାତ୍ରୀ, ଅଭିଭାବକଙ୍କ ସମେତ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହଯୋଗ ରହିଛି। ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ରାଜେଶ ପାଢୀଙ୍କ ପରାମର୍ଶକ୍ରମେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ପାଠ୍ୟଖସଡା ସହ ଦକ୍ଷ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଦ୍ୱାରା ଶିକ୍ଷା ପ୍ରଦାନ ଫଳରେ ଏହି ସଫଳତା ଶିକ୍ଷାନୁଷ୍ଠାନ ହାସଲ କରିପାରିଛି। ଆଗାମୀ ଦିନରେ ମଧ୍ୟ ନୂତନ ଶିକ୍ଷା ନିୟମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ଡାଟା ସାଇନ୍ସ,ଏଆ.ଇ, ମଶିନ ଲର୍ଣ୍ଣିଂ ଭଳି ପାଠ୍ୟକ୍ରମ ପ୍ରଦାନ କରାଯିବା ବ୍ୟବସ୍ଥା ହୋଇଛି ବୋଲି ଶିକ୍ଷାନୁଷ୍ଠାନର ଅଧକ୍ଷ ରାଧାକୃଷ୍ଣ ମହାପାତ୍ର ସୂଚନା ଦେଇଛନ୍ତି ।

## ୨ବର୍ଷ ହେବ ମିଳିନି ସାମାଜିକ ସୁରକ୍ଷା ଯୋଜନାର ସୁବିଧା


ମହିଳାମାନେ କେନ୍ଦୁପତ୍ର ସଂଗ୍ରହ କରି ଆଣୁଛନ୍ତି।

### କେନ୍ଦୁପତ୍ର ତୋଳାଳିଙ୍କ ଅଭିଯୋଗ

ତେନ୍ତୁଲିଖୁଣ୍ଟି, ୧୨।୫(ଡି.ଏନ୍.ଏ.)

ରାଜ୍ୟ ସରକାର କେନ୍ଦୁପତ୍ର ତୋଳାଳିଙ୍କ ସାମାଜିକ ସୁରକ୍ଷା ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ ତେନ୍ତୁଲିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଞ୍ଚାୟତ ଗୋଟିପୁଟ ଗ୍ରାମର କେତେଜଣ କେନ୍ଦୁପତ୍ର ତୋଳାଳିଙ୍କୁ ଗତ ୨ବର୍ଷ ହେବ ଉକ୍ତ ଯୋଜନାର ଲାଭ ଉଠାଇ ପାରୁନାହାନ୍ତି। ସେମାନଙ୍କ ପିଲାମାନଙ୍କ ପାଇଁ ଷ୍ଟାଇପେଣ୍ଡ ପାଉ ନ ଥିବାବେଳେ ଅନ୍ୟ ସୁବିଧା ମଧ୍ୟ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ।

ପୂର୍ବରୁ କେନ୍ଦୁପତ୍ର ତୋଳାଳିଙ୍କୁ ୧୦୦ ବିଡ଼ାକୁ ୩୦ରୁ ୩୫ ଟଙ୍କା ପାଉଥିଲେ। ବର୍ତ୍ତମାନ ସରକାରଙ୍କ ନିୟମ ମୁତାବକ ୧୦୦ ବିଡ଼ାକୁ ୨୦୦ରୁ ୨୫୦ ଟଙ୍କାରେ ବିକ୍ରି କରୁଛନ୍ତି। ସକାଳୁ ଘରୁ ବାହାରି ୧୦ରୁ ୧୨ କି.ମି. ପର୍ଯ୍ୟନ୍ତ ପାହାଡ଼ ଚଢି କେନ୍ଦୁପତ୍ର ସଂଗ୍ରହ କରିବାକୁ ପଡୁଛି। ଏହା ମଧ୍ୟରେ ୨ବର୍ଷ ହେବ ସାମାଜିକ ସୁରକ୍ଷା ଯୋଜନାର ସୁବିଧା ପାଇ ନ ଥିବା ଗତିପୁଟର ସୁଲୋଚନା ମୁଦୁଲି, ସୁବର୍ଣ୍ଣ ମୁଦୁଲି, ଇନ୍ଦୁ ମୁଦୁଲି, ଯମୁନା ମୁଦୁଲି, ରତିନି ଜାନି, ବିଭୂତି ଜାନି, ନୋଇନା ମୁଦୁଲି, ମୂଳା ଜାନି, ମୁଦୁଲି, ଲକ୍ଷ୍ମୀ ଗୌଡ଼, ଦୀପାଇ ମୁଦୁଲି, କୁନି ଜାନି,ତାରାଇ ଜାନି ପ୍ରମୁଖ ହେବ ଅଭିଯୋଗ କରିଛନ୍ତି।

## ବନ୍ଧୁକ ଲାଇସେନ୍ସ କରାଇଦେବା ନାମରେ ଠକେଇ, ଜଣେ ଗିରଫ

ପୁରୁଷୋତ୍ତମପୁର, ୧୨।୫(ଡି.ଏନ୍.ଏ.):

ବନ୍ଧୁକ ଲାଇସେନ୍ସ କରାଇଦେବାକୁ କହି ଦୁଇ ଜଣ ବ୍ୟକ୍ତିଙ୍କ ଠାରୁ ୧ଲକ୍ଷ ୪୬ ହଜାର ଟଙ୍କା ଠକିନେଇଥିବା ଅଭିଯୋଗରେ ପୁରୁଷୋତ୍ତମପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିବା ଗଞ୍ଜାମ ଏସପି ଜଗନ ମୋହନ ମିନା ଶୁକ୍ରବାର ସୂଚନା ଦେଇଛନ୍ତି। ଅଭିଯୁକ୍ତ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଭୀମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବାରିକ। ଗତ ୨୦୨୨ ସେପ୍ଟେମ୍ବର ୧୮ହରେ ପୁରୁଷୋତ୍ତମପୁର ଥାନା ଦେଉଳପଲୀର ରାକେଶ ମୁନୀଙ୍କ ଠାରୁ ବନ୍ଧୁକ ଲାଇସେନ୍ସ କରାଇଦେବା ଲାଗି ୬୫ ହଜାର ଟଙ୍କା ନେଇଥିଲେ। ଦୀର୍ଘଦିନ ବିତିଯାଇଥିଲେ ମଧ ଲାଇସେନ୍ସ କରାଇ ନ ଥିଲେ। ଏ ନେଇ ସେ ଜାନୁଆରୀ ୮ରେ ଥାନାରେ ଅଭିଯୋଗ କରିଥିଲେ।

## ବଦଳାଗଲା ଅଧାଭଙ୍ଗା ବିଦ୍ୟୁତ୍‌ଖୁଣ୍ଟ

### ଧରିତ୍ରୀ ପ୍ରଭାବ

ନନ୍ଦାହାଣ୍ଡି,୧୨।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ପଞ୍ଚାୟତ ମୁଖ୍ୟାଳୟର ତ୍ରିନାଥ ମନ୍ଦିର ପାର୍ଶ୍ୱରେ ଥିବା ଏକ ଲୁହା ବିଦ୍ୟୁତ୍ ଖୁଣ୍ଟ ଅଧା ଭଙ୍ଗା ହୋଇ ବିପଦସଙ୍କୁଳ ଅବସ୍ଥାରେ ଥିବା ନେଇ ଏକ ଖବର ମଙ୍ଗଳବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ଗୁରୁବାର ବିଦ୍ୟୁତ୍ ବିଭାଗ ପଦକ୍ଷେପ ନେଇ ତାହାକୁ ବଦଳାଇଛି। ଉକ୍ତ ସ୍ଥାନରେ ନୂଆ କଂକ୍ରିଟ ଖୁଣ୍ଟି ପୋତାଯାଇଛି।

ସୂଚନାନୁଯାୟୀ, ଉକ୍ତ ସ୍ଥାନରେ ପୂର୍ବରୁ ଥିବା ଲୁହାଖୁଣ୍ଟିଟି ଅଧାଭଙ୍ଗା ଅବସ୍ଥାରେ ରହିଥିଲା। ବିଭାଗ ଠିକ୍ ସମୟରେ ବିଲ୍ ପୈଠ ନ କଲେ ସଂଯୋଗ କାଟିଦେବାକୁ ଧମକ ଦେଉଛି। ଖୁଣ୍ଟି ଭାଙ୍ଗି ଦୁର୍ଘଟଣା ଘଟିଲେ କିଏ ଦାୟୀ ରହିବ ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଥିଲେ। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହାର ୨ଦିନ ପରେ ବିପଦସଙ୍କୁଳ ଖୁଣ୍ଟିକୁ ହଟାଯାଇଛି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବା ବେଳେ ଧରିତ୍ରୀରେ ଖବର ପ୍ରକାଶ ପରେ ସମସ୍ୟାର ସମାଧାନ ହୋଇଥିବାରୁ ସ୍ଥାନୀୟ ଲୋକେ ଖୁସି ବ୍ୟକ୍ତ କରିବା ସହ ଧନ୍ୟବାଦ ଜଣାଇଛନ୍ତି।


ବିଦ୍ୟୁତ୍ ବିଭାଗ ପକ୍ଷରୁ ନୂତନ ଖୁଣ୍ଟି ପୋତାଯାଉଛି।

## କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କୁ ମିଳୁନି ହକ୍

### ରୋଗଗ୍ରସ୍ତ ହୋଇ ବିକ୍ରି କରିବାକୁ ପଡୁଛି ସମ୍ପତ୍ତି, ଘର

ଜୟପୁର, ୧୨।୫(ନି.ପ୍ର.)

କାଗଜକଳ ଅବସରପ୍ରାପ୍ତ ଶ୍ରମିକମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପ୍ରୋଭିଡେଣ୍ଟ ଫଣ୍ଡରେ ଲକ୍ଷ ଲକ୍ଷ ଟଙ୍କା ଅଛି, ଲକ୍ଷ ଲକ୍ଷ ଟଙ୍କା ଗ୍ରାଚ୍ୟୁଇଟି ପାଇବେ। କିନ୍ତୁ ତାହା ମିଳୁ ନ ଥିବାରୁ ଜୀବନର ଶେଷ ସମୟରେ ରୋଗରେ ପଡ଼ିଲେ ଚିକିତ୍ସା ପାଇଁ ଘର, ସୁନାଗହଣା ଆଦି ବିକ୍ରି କରିବାକୁ ବାଧ ହେଉଛନ୍ତି। ଏହା ମଧ୍ୟରେ ୩୨ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଗଲାଣି। ବର୍ତ୍ତମାନ କାଗଜକଳ ଅବସରପ୍ରାପ୍ତ ଶ୍ରମିକ ଯୁଧିଷ୍ଠିର ସ୍ୱାଇଁ ହୃଦ୍‌ଘାତ ଯୋଗୁ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତାଙ୍କର ପ୍ରୋଭିଡେଣ୍ଟ ଫଣ୍ଡରେ ପ୍ରାୟ ୫ ଲକ୍ଷ ଟଙ୍କା ଅଛି। କାଗଜକଳ ଫାଉଣ୍ଡେଶନ ବେଳରୁ କାମ କରୁଛନ୍ତି। ଗ୍ରାଚ୍ୟୁଇଟି ପ୍ରାୟ ୪ ଲକ୍ଷ ଟଙ୍କା ପାଇବେ। କିନ୍ତୁ ବର୍ତ୍ତମାନ ମେଡିକାଲ୍ ଖର୍ଚ୍ଚ ପାଇଁ ଘରବାଡ଼ି ସୁନା ରୁପା ବିକ୍ରି କରିବାକୁ ପଡୁଛି। ମ୍ୟାନେଜମେଣ୍ଟକୁ ଗୁହାରି କରିବାରୁ ମାତ୍ର ୧୫ ହଜାର ଟଙ୍କା ଦେଲେ।

କାରଖାନା ଚାଲିଛି। କାଗଜ ଉତ୍ପାଦନ ହେଉଛି, ବିକ୍ରି ହେଉଛି। ଅବସରପ୍ରାପ୍ତ ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦିଆଯାଉଛି ବୋଲି ମ୍ୟାନେଜମେଣ୍ଟ କହୁଛି। କିନ୍ତୁ ଏବେ ବି ୭୦ ରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ଶ୍ରମିକଙ୍କୁ ନିଯୁକ୍ତି ମିଳିନାହିଁ। ଜଣେ ଶ୍ରମିକ ହୃଦ୍‌ଘାତରେ ଆଜି ପର୍ଯ୍ୟନ୍ତ କୋମାରେ ଅଛନ୍ତି। କାଳିଆ ଗାଁର ଧୋବୁଲୁ ବାଘ କିଡ୍‌ନୀ ରୋଗରେ ପୀଡ଼ିତ। ପ୍ରୋଭିଡେଣ୍ଟ ଫଣ୍ଡ୍ କଲିକତା ଟ୍ରଷ୍ଟରୁ ବ୍ରହ୍ମପୁର ଆଞ୍ଚଳିକ ପିଏଫ୍ କମିଶନ ଅଫିସ୍‌କୁ ସ୍ଥାନାନ୍ତର ହୋଇପାରୁ ନ ଥିବା ଓ କାଗଜକଳ କର୍ତ୍ତୃପକ୍ଷ ଶ୍ରମିକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବାରୁ ସେମାନଙ୍କ ପ୍ରାପ୍ୟ ମିଳିବାରେ ଅସୁବିଧା ହେଉଛି ବୋଲି ଶ୍ରମିକମାନେ କହିଛନ୍ତି। ଶ୍ରମିକଙ୍କ ସମସ୍ୟା ନେଇ ରାଜ୍ୟ ସରକାର, ଜିଲା ପ୍ରଶାସନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମୃତ ଶ୍ରମିକଙ୍କ ବିଧବା ସ୍ତ୍ରୀମାନେ ଆନ୍ଦୋଳନ କରିଥିଲେ। ୪ ମାସ ମଧ୍ୟରେ ଗ୍ରାଚ୍ୟୁଇଟି ଟଙ୍କା ଦେବା ପାଇଁ ଶ୍ରମ ବିଭାଗକୁ ଲିଖିତ ଭାବେ ମ୍ୟାନେଜମେଣ୍ଟ ଦେଇଛି। କିନ୍ତୁ କେବେ ମିଳିବ ସ୍ପଷ୍ଟ ହୋଇନାହିଁ। ଅବସରପ୍ରାପ୍ତ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଦିନ ୟୁନିଟ୍ ହେଡ୍ ବାସଭବନ ଆଗରେ ପ୍ରତୀକ ଧାରଣା ଜାନୁୟାରୀ ୩ରୁ ଚାଲିଛି। ଏହାକୁ ଆଗକୁ ଆହୁରି ଜୋର୍‌ଦାର କରିବା ପାଇଁ ଖୁବ୍ ଶୀଘ୍ର ମିଳିତ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୩ ଗିରଫ



ଉମରକୋଟ, ୧୨।୫(ସ୍ୱ.ପ୍ର.)- ଉମରକୋଟ ଥାନା ଅଞ୍ଚଳରେ ବିଭିନ୍ନ ଚୋରି ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅଞ୍ଚଳା ୟୁଭି-୨୩ର ପ୍ରକାଶ ଦେଉଡି(୩୦), ନାୟକଗୁଡ଼ା ୟୁଭି-୧୧ର ପ୍ରଦୀପ ରାୟ (୩୦) ଓ ନୂଆଗୁଡ଼ା ୟୁଭି-୭ ଗ୍ରାମର ପ୍ରଣବ ଦେବନାଥ। ଅଭିଯୁକ୍ତମାନେ ବିଭିନ୍ନ ଅଞ୍ଚଳରେ ପାଣି ମୋଟର, ଲୁହା ପ୍ଲେଟ ଓ ଅନ୍ୟ ସାମଗ୍ରୀ ଚୋରୀ କରି ବିକ୍ରି କରୁଥିବା ଉମରକୋଟ ପୋଲିସ ନିକଟରେ ଅଭିଯୋଗ ଥିଲା। ଗୁରୁବାର ବିଳମ୍ବିତ ରାତିରେ ନୂଆଗୁଡା ୟୁଭି-୭ ଗ୍ରାମରେ ସଂଗ୍ରାମ ବୈଦ୍ୟଙ୍କ ଘରୁ ମୋଟର ଚୋରି ହେଇଥିଲା। ସେ ଥାନାରେ ଅଭିଯୋଗ କରିବାପରେ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଏକ ଟିମ ସେଠାକୁ ପଠାଇ ଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ବିକ୍ରି ପାଇଁ ରଖିଥିବା ୨ ଟି ପାଣି ମୋଟର ଜବତ କରିଛି। ଆହୁରି ଚୋରି ସାମଗ୍ରୀ ଉଦ୍ଧାର ହେବ ବୋଲି ଏଏସ୍ଆଇ ଶୁକଦେବ ଛତ୍ରିଆ କହିଛନ୍ତି। ୧୦୧/୨୩ ରେ ମାମଲା ରୁଜୁ କରାଯାଇଛି। ଗୋଟିଏ ଜବତ ମୋଟରକୁ ସଂଗ୍ରାମଙ୍କୁ ଫେରସ୍ତ କରାଯାଇଛି।

### ହୋଟେଲ ପ୍ରିନ୍ସେସ୍‌ରେ ଅଗ୍ନିକାଣ୍ଡ

ଜୟପୁର, ୧୨।୫ (ନି.ପ୍ର.)- ଜୟପୁରମ ମୁଖ୍ୟ ଟ୍ରାଫିକ ଛକ ନିକଟରେ ଥିବା ହୋଟେଲ ପ୍ରିନ୍ସେସେରେ ଅଗ୍ନିକାଣ୍ଡ ଘଟିଛି। ପ୍ରିନସେସର ରୋଷେଇ ଘରେ ନିଆଁ ଲାଗିଯାଇଥିଲା। ଜୟପୁର ଦମକଳ ବାହିନୀ ପହଞ୍ଚି ନିଆକୁ ଆୟତ୍ତ କରିଛି। ଅଗ୍ନିକାଣ୍ଡରେ ରୋଷେଇ ଘରେ ଥିବା ବିଭିନ୍ନ ସାମଗ୍ରୀ ପୋଡ଼ିଯାଇଛି। ସଟ୍‌ସର୍କିଟ ଯୋଗୁ ଏପରି ଅଗ୍ନିକାଣ୍ଡ ଘଟିଥିବା ଦମକଳ ବିଭାଗ ପକ୍ଷରୁ କୁହାଯାଇଛି।

### ଆନ୍ତର୍ଜାତିକ ସେବିକା ଦିବସ ପାଳିତ



ଜୟପୁର, ୧୨।୫ (ନି.ପ୍ର.)- ଜୟପୁରସ୍ଥିତ ଫ୍ଲୋରେନ୍ସ ଲାଇଟିଙ୍ଗଲ ଏଏନମ ତାଲିମ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାର ପଥ ପ୍ରଦର୍ଶକ ଫ୍ଲୋରେନ୍ସ ଲାଇଟିଙ୍ଗଲଙ୍କ ଜୟନ୍ତୀ ଏବଂ ଆନ୍ତର୍ଜାତିକ ସେବିକା ଦିବସ ପାଳନ କରାଯାଇଛି। ପାୟଲ ସାହା ଓ ଅଗଷ୍ଟି ରାଣି ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ।ଅନୁଷ୍ଠାନର ନିର୍ଦ୍ଦେଶକ ଗୌରବ ଭତ୍ରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରକାଶ ଦାସ ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବୀ ମଦନ ମୋହନ ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ 'ଆମରି ସେବିକା, ଆମର ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରିଥିଲେ। କବି ଓ ପ୍ରକାଶକ ପ୍ରକାଶ ମହାନନ୍ଦିଆବକ୍ତା ଭାବେ ଯୋଗଦେଇ ସେବିକା ଏକ ନିଯୁକ୍ତି ନିହେଁ କିନ୍ତୁ ସ୍ୱାସ୍ଥ୍ୟ ସେବା ପାଇଁ ଇଶ୍ୱରଙ୍କ ଏକ ଆହ୍ୱାନ ବୋଲି କହିଥିଲେ। ତାଲିମ କେନ୍ଦ୍ର ଅଧକ୍ଷା ଶୁଭଶ୍ରୀ ଟାକରି ଓ ଉପଧକ୍ଷା ଗ୍ରେସିୟସ ଟାକରି ଅନୁଷ୍ଠାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

### ଭଡ଼ାଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଦଶମନ୍ତପୁର, ୧୨।୫(ଡି.ଏନ୍.ଏ.)- କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ରାଧାକୃଷ୍ଣ କଲେଜ ପାର୍ଶ୍ୱରେ ଥିବା ଏକ ଭଡ଼ାଘରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ସଦର ପଞ୍ଚାୟତ ଅନଗର ଗାଁର ପ୍ରଫୁଲ୍ଲ ବିଷୋୟୀ (୨୫)। ମୃତକଙ୍କ ଭାଇ ନାରାୟଣ ଘଟଣା ସମ୍ପର୍କରେ ଦଶମନ୍ତପୁର ଥାନାରେ ଏତଲା ଦେବା ପରେ ଥାନାଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଏବଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କ କହିବାନୁଯାୟୀ ପ୍ରଫୁଲ୍ଲ ବର୍ଷେ ପୂର୍ବେ ରାୟଗଡ଼ା ଜିଲା ମୁନିଗୁଡ଼ା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। କୌଣସି କାରଣରୁ ବିବାହର କିଛି ମାସ ମଧ୍ୟରେ ପ୍ରଫୁଲ୍ଲଙ୍କ ସ୍ତ୍ରୀ ବାପଘରକୁ ଯାଇ ଆଉ ଶାଶୁଘରକୁ ଫେରି ନ ଥିଲେ। ଏହାପରେ ପ୍ରଫୁଲ୍ଲ ସ୍ଥାନୀୟ ରାଧାକୃଷ୍ଣ କଲେଜ ପାର୍ଶ୍ୱରେ ଏକ ଘରଭଡ଼ା ନେଇ ରହୁଥିଲେ। କିନ୍ତୁ ଶୁକ୍ରବାର ସକାଳୁ ଉକ୍ତ ଭଡ଼ାଘରୁ ତାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ପାଖ ପଡ଼ୋଶୀ ମୃତକଙ୍କ ପରିବାରକୁ ଏ ନେଇ ସୂଚନା ଦେଇଥିଲେ। ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

# ଇଚ୍ଛାପୁର ପଞ୍ଚାୟତ ହିତାଧିକାରୀଙ୍କୁ ମିଳିଲା ୪ ମାସର ଚାଉଳ

ଝରିଗାଁ,୧୨।୫(ସ୍ୱ.ପ୍ର.)



ଯୋଗାଣ ନିରୀକ୍ଷକଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ଚାଉଳ ଦିଆଯାଉଛି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଇଚ୍ଛାପୁର ପଞ୍ଚାୟତର ପ୍ରାୟ ୧୦ ଗ୍ରାମର ହିତାଧିକାରୀ ସାତ ମାସ ହେବ ପିଡ଼ିଏସ ଚାଉଳ ପାଇନଥିବା ନେଇ ଗୁରୁବାର ରାଜ୍ୟ ସ୍ୱତନ୍ତ୍ର ବିକାଶ ପରିଷଦ ଉପଦେଷ୍ଟା ତଥା ନବରଙ୍ଗପୁର ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତୁରନ୍ତ ଚାଉଳ ଯୋଗାଇ ଦିଆଯିବ ନେଇ ସେ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଶୁକ୍ରବାର ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଚାଉଳ ନେଇ ନ ଥିବା ହିତାଧିକାରୀଙ୍କୁ ଇଚ୍ଛପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟକୁ ନେଇ ଲାଗିରହିଥିବା ବିବାଦ ଯୋଗୁ ବ୍ଲକ ପ୍ରଶାସନ ପକ୍ଷରୁ ଚଟା ପଞ୍ଚାୟତଠାରେ ଇଚ୍ଛାପୁର ପଞ୍ଚାୟତ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରାଯାଉଥିଲା। ହିତାଧିକାରୀମାନେ ଇଚ୍ଛାପୁର ପଞ୍ଚାୟତରେ ଚାଉଳ ପ୍ରଦାନ କରିବା ପାଇଁ ଦାବି କରି ଚଟା ପଞ୍ଚାୟତରୁ ଚାଉଳ ନେଉ ନ ଥିଲେ। ଚାଉଳ ନ ନେବାର ଚାରି ମାସ ବିତିଯାଇଥିଲେ ମଧ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ହିତାଧିକାରୀମାନେ ଏ ନେଇ ଗୁରୁବାର ଘଟଣା ସମ୍ପର୍କରେ ପ୍ରଦୀପ ମାଝିଙ୍କୁ ଜଣାଇଥିଲେ। ତାଙ୍କ ହସ୍ତକ୍ଷେପ ପରେ ଇଚ୍ଛାପୁର ପଞ୍ଚାୟତରେ ଝରିଗାଁ ବ୍ଲକ ପ୍ରଶାସନ ପକ୍ଷରୁ ଚାରି ମାସର ଚାଉଳ ହିତାଧିକାରୀଙ୍କୁ ବଣ୍ଟନ କରାଯାଇଥିଲା। ଇଚ୍ଛାପୁର ପଞ୍ଚାୟତର କେତେକ ଗ୍ରାମର ୧୮୦ ଜଣ ହିତାଧିକାରୀ ଚାରି ମାସର ଚାଉଳ ନେଇ ନ ଥିଲେ। ଶୁକ୍ରବାର ଇଚ୍ଛାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଚାଉଳ ବଣ୍ଟନ କରାଯାଇଛି ବୋଲି ଝରିଗାଁ ବ୍ଲକ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ କହିଛନ୍ତି।

# ଗୋଇନ୍ଦା ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଗସ୍ତ

ନବରଙ୍ଗପୁର, ୧୨।୫ (ବି.ପ୍ର.)

ଗୋଇନ୍ଦା ନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ଶୁକ୍ରବାର ନବରଙ୍ଗପୁର ଜିଲା ପରିଦର୍ଶନ ଆସି ରାଇଘର ଥାନା ଅଧୀନ ହାତିଗାଁରେ ପ୍ରତିଷ୍ଠିତ ସିଆର୍‌ପିଏଫ୍ କ୍ୟାମ୍ପର କାମ ସମୀକ୍ଷା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏକ ସିଭିକ୍ ଆକ୍ସନ୍ ପ୍ରୋଗ୍ରାମ୍ ମଧ ଆୟୋଜିତ ହୋଇଥିଲା। ଯେଉଁଥିରେ ବହୁ ସଂଖ୍ୟାରେ ସାଧାରଣ ଜନତା ଯୋଗ ଦେଇଥିଲେ। ନବରଙ୍ଗପୁର ଜିଲାର ଏଲ୍‌ଡବ୍ଲ୍ୟୁଇ ପରିସ୍ଥିତିର ସମୀକ୍ଷା କରି ସାହସ ଏବଂ ବଳ ସହିତ ମାଓବାଦୀଙ୍କ ସହ ଲଢ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଆମ ସମାଜରେ ହିଂସାର କୌଣସି ସ୍ଥାନ ନାହିଁ। ହିଂସାକୁ ଏଡ଼ାଇ ମୁଖ୍ୟ ସ୍ରୋତରେ ଯୋଗଦେବା ଏବଂ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ପ୍ରଦାନ କରାଯାଇଥିବା ପୁନର୍ବାସ ଏବଂ ଆସିଷ୍ଟାଣ୍ଟ ସ୍କିମ୍ ଅଧୀନରେ ସରକାରୀ ଯୋଜନାର ଲାଭ ପାଇବାକୁ ସେ ମାଓବାଦୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଡିଜିପି ଅପରେସନ ଅମିତାଭ ଠାକୁର, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ନବରଙ୍ଗପୁର ଏସ୍‌ପି ଏସ୍ ସୁଶ୍ରୀଙ୍କ ସମେତ ବହୁ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ଉପସ୍ଥିତ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ପ୍ରଦାନ କରୁଛନ୍ତି ।

### ମହିଳାଙ୍କ ଗଳିତ ମୃତଦେହ ଜବତ

କୋଡିଙ୍ଗା,୧୨।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ଏକୋରୀ ପଞ୍ଚାୟତ ଜଟିଆଗୁଡା ନିକଟ ଭାସ୍କଲ ନଦୀ ତଟରେ ଥିବା ଏକ ନୀଳଗିରି ବାଡ ନିକଟରେ ଶୁକ୍ରବାର ଜଣେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ମୃତକ ତାରାଗାଁ ପଞ୍ଚାୟତ ଚିକଲପଦର ଗ୍ରାମର ରୁକ୍ମଣୀ ଭତ୍ରା (୪୨) ବୋଲି ଜଣାପଡିଛି। ଏନେଇ କୋଡିଙ୍ଗା ଥାନାରେ ୧୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତକଙ୍କ ସ୍ୱାମୀ ପଦଲାମ ଭତରାଙ୍କୁ କୋଡିଙ୍ଗା ଥାନାରେ ପଚରାଉଚରା କରାଯାଉଛି। ଗୁରୁବାର ସନ୍ଧ୍ୟାରେ ମୃତକଙ୍କ ୩ ପୁଅ ଜଟିଆଗୁଡା ନିଳଗିରି ବାଡ ନିକଟରେ ମାଁ ରୁକ୍ମଣୀଙ୍କ ମୃତଦେହ ପଡିଥିବା ନେଇ ଖବର ପାଇ ଥିଲେ। ପୁଅ ହରି ଭତରା କୋଡିଙ୍ଗା ଥାନାରେ ଏତଲା ଦେଇଥିଲେ। କୋଡିଙ୍ଗା ପୋଲିସ ମାମଲା ରୁଜୁ କରିଛି। ଘଟଣାସ୍ଥଳକୁ ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଡିଙ୍ଗା ଥାନା ଏସ୍‌ଆଇ ବିକ୍ରମ ସାହୁ ଓ ସାଇଣ୍ଟିଫିକ ଟିମ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ହସ୍ତାନ୍ତର କରିଛନ୍ତି।

### କଣ୍ଟାଗାଁରେ ଅଷ୍ଟପ୍ରହର ନାମଯଜ୍ଞ

ତେନ୍ତୁଳିଖୁଣ୍ଟି, ୧୨।୫(ଡି.ଏନ୍.ଏ.)

ତେନ୍ତୁଳିଖୁଣ୍ଟି ବ୍ଲକ କଣ୍ଟାଗାଁସ୍ଥିତ ଶିବମନ୍ଦିର ସମ୍ମୁଖରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଅପରାହ୍ନରେ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଓ ଗ୍ରାମବାସୀ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଗାଁ ପୋଖରୀ ଘାଟରେ ପହଞ୍ଚିବା ପରେ ପୂଜକଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ନଦୀଘାଟରୁ ମହିଳାମାନେ କଳସୀ ଶୋଭାଯାତ୍ରାରେ ମଣ୍ଡପ ଅଭିମୁଖେ ବାହାରିଥିଲେ। ଏହି ସମୟରେ ଶୋଭାଯାତ୍ରାରେ ଗ୍ରାମବାସୀ, ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ପୂଜା ମଣ୍ଡପରେ ପହଞ୍ଚିବା ପରେ କଳସୀକୁ ମଣ୍ଡପରେ ସ୍ଥାପନ କରାଯିବା ପରେ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ସକାଳରୁ ମହାଆଡ଼ମ୍ବରରେ ଅଖଣ୍ଡ ନାମଯଜ୍ଞ ଆରମ୍ଭ ହୋଇଛି। ଏହି ନାମଯଜ୍ଞରେ ତେନ୍ତୁଳିଖୁଣ୍ଟି ଓ ନନ୍ଦାହାଣ୍ଡି ବ୍ଲକର ୧୧ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଛନ୍ତି। ସେମାନଙ୍କ ରାମନାମ ଜପ, ହରେ କୃଷ୍ଣ ଓ ହରେ ରାମ ଧ୍ୱନିରେ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସମସ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଇଛି। ଶନିବାର ଦଧିହାଣ୍ଡି ଭଗ୍ନ ସହିତ ନଗର ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି।

# ଦେବୋତ୍ତର ବିଭାଗର ରଥଯାତ୍ରା ପ୍ରସ୍ତୁତି ବୈଠକ

ନନ୍ଦପୁର, ୧୨।୫ (ଡି.ଏନ୍.ଏ.)

ନନ୍ଦପୁର ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷର ରଥଯାତ୍ରା ପାଳନ ନିମନ୍ତେ ଶୁକ୍ରବାର ଦେବୋତ୍ତର ବିଭାଗ ତରଫରୁ ପ୍ରସ୍ତୁତି ବୈଠକ ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ନନ୍ଦପୁର ରାଜସ୍ୱ ନିରୀକ୍ଷକ ପଣ୍ଡେଇ ମହାନ୍ତି ପୂର୍ବ ବର୍ଷର ରଥଯାତ୍ରା ବିବରଣୀ ପାଠ କରିଥିଲେ। ପୂର୍ବବର୍ଷର ବହୁ ରଥକାଠ ନଷ୍ଟହୋଇ ଥିବାରୁ ଚଳିତ ବର୍ଷ ରଥ ପାଇଁ ନୂଆକାଠ ସଂଗ୍ରହ କରିବାକୁ ବିଶ୍ୱକର୍ମା ରଘୁନାଥ ମହାରଣା କହିଥିଲେ। ରାଜସ୍ୱ ଓ ଜଙ୍ଗଲ ବିଭାଗର ମିଳିତ ପ୍ରୟାସରେ ଜଗନ୍ନାଥ ଜଙ୍ଗଲ ପ୍ରକଳ୍ପ ହାତକୁ ନେଇ ଚାରାରୋପଣ କରିବାକୁ ବିଧାୟକ ପାଢ଼ୀ ପ୍ରସ୍ତାବ ଦେଇଥିଲେ। ତେଣୁ ଚଳିତ ବର୍ଷର ରଥଯାତ୍ରା ବ୍ୟୟବହୁଳ ହେବ। ଦେବୋତ୍ତର, ତହସିଲ, ବ୍ଲକ, ବିଧାୟକ ନନ୍ଦପୁର ବଣିକ ସଂଘ ସମେତ ବ୍ଲକରେ କାର୍ଯ୍ୟରତ ସମସ୍ତ ବିଭାଗର ସହଯୋଗରେ ରଥଯାତ୍ରା ପାଇଁ ବ୍ୟୟ ବରାଦ କରିବାକୁ ବିଧାୟକ ପାଢ଼ୀ ପ୍ରସ୍ତାବ ଦେଇଥିଲେ। ସମସ୍ତଙ୍କ ସହଯୋଗ ରହିଲେ ଚଳିତ ବର୍ଷର ରଥଯାତ୍ରା ଜାକଜମକରେ ଆୟୋଜିତ ହେବ ବୋଲି ଅତିରିକ୍ତ ତହସିଲଦାର କହିଛନ୍ତି। ବୈଠକରେ ଦେବୋତ୍ତର ବିଭାଗ ପଟାଙ୍ଗି ପକ୍ଷରୁ ଗୋଲଖ ବିହାରୀ ପରିଡ଼ା, ବୃନ୍ଦାବନ ପ୍ରଧାନ, ବିଧାୟକ ପଟାଙ୍ଗି ପୀତମ ପାଢ଼ୀ, ବ୍ଲକ ଅଧକ୍ଷା ସାବିତ୍ରୀ କାର୍ତ୍ତୁଲ୍, ନନ୍ଦପୁର ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ନନ୍ଦପୁର ବିଡିଓ ସୁଜିତ କୁମାର ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦୁବରାଜ ମୁର୍ମୁ, ଏମ୍‌ପିଙ୍କ ପ୍ରତିନିଧି ଗୋପାଳ ମାଟାମ, ଜଗନ୍ନାଥ ପାଙ୍ଗି, ମନ୍ଦିର ପରିଚାଳନା କମିଟି ସଦସ୍ୟ, ବ୍ରାହ୍ମଣ ନିଯୋଗର ସଭାପତି ବିଜୟ ପାଢ଼ୀ, ୨ଜଣ ପୂଜକ, ବିଶ୍ୱକର୍ମା ମହାରଣା, ସମସ୍ତ ନିତିକାନ୍ତି ପାଇଁ ନିଯୁକ୍ତ ସେବାୟତ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ପୂର୍ବତନ ବ୍ଲକ ଅଧକ୍ଷ ଗୋପାଳ କୃଷ୍ଣ ବେବର୍ତ୍ତା, ନନ୍ଦପୁର ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ, ଅଗ୍ନିଶମ ବିଭାଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ, ଲୋକପ୍ରତିନିଧି ଓ ଅନ୍ୟମାନେ।

# ନୂତନ ଜେଏଲ୍‌ଜି ଗ୍ରୁପ୍ କରି ଋଣ ପ୍ରଦାନ ନେଇ ଆଲୋଚନା

ଡାବୁଗାଁ, ୧୨।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କୃଷି, ସୂଚନା ଓ ପରାମର୍ଶ କେନ୍ଦ୍ରରେ ବଳରାମ ମାସ ପାଳନ ଅବସରରେ ବିଡିଓ ଶରତ ମାଝିଙ୍କ ଅଧକ୍ଷତାରେ ଶୁକ୍ରବାର ବଳରାମ ରିକୋଭରି ମେଳା ଅନୁଷ୍ଠିତ ହୋଇଯାଇଛି। ୨୦୨୨–୨୩ ଆର୍ଥିକ ବର୍ଷରେ ବଳରାମ ଯୋଜନାରେ ଋଣ ପ୍ରଦାନ କରାଯାଇବା ହିତାଧିକାରୀଙ୍କ ଋଣ ପୈଠ, ଋଣପୈଠ ପରେ ନୂତନ ଋଣ ପ୍ରଦାନ ସମ୍ପର୍କରେ ଆଲୋଚନା କରାଯାଇଛି। ଡାବୁଗାଁ ଲ୍ୟାମ୍ପରୁ ୨୦୨୨–୨୩ ଆର୍ଥିକ ବର୍ଷରେ ବଳରାମ ଯୋଜନାରେ ୪ଟି ଜେଏଲ୍‌ଜି ଗ୍ରୁପ୍‌କୁ ଋଣ ପ୍ରଦାନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷରେ ନୂତନ ଜେଏଲ୍‌ଜି ଗ୍ରୁପ୍ ଗଠନ କରି ଋଣ ପ୍ରଦାନ ନିମନ୍ତେ ଲ୍ୟାମ୍ପ୍‌ସ ଓ ବ୍ୟାଙ୍କକୁ ଗ୍ରୁପ୍‌ଗୁଡ଼ିକର ତାଲିକା ପ୍ରଦାନ କରାଯିବା ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଡାବୁଗାଁ ଅତିରିକ୍ତ ତହସିଲଦାର ସତିଶ କୁମାର ବୋଇନି, ସହକାରୀ କୃଷି ଅଧିକାରୀ ସୌମେନ୍ଦ୍ର ବିଶ୍ୱାସ, ଲ୍ୟାମ୍ପ୍‌ସ ପରିଚାଳକ ହରିବନ୍ଧୁ ମିର୍ଗାନ, କୃଷି ଅଧିଦର୍ଶକ ସୁଧାଂଶୁ କୁମାର ବରାଡ, ନୀଳକଣ୍ଠ ପଣ୍ଡା, କିଶୋର ଚନ୍ଦ୍ର ନାୟକ, ମମତା ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ, ଏଟିଏମ୍ କେ. ଉଦୟା କୁମାରୀ, କୃଷକ ସାଥୀ, ଜେଏଲ୍‌ଜି ଗ୍ରୁପ୍‌ର ସଦସ୍ୟ ଓ ଚାଷୀମାନେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

### ବଳାତ୍କାର ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ନବରଙ୍ଗପୁର,୧୨।୫(ବି.ପ୍ର.)

ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ବଳାତ୍କାର ଘଟଣାରେ ଅଭିଯୁକ୍ତ ସଞ୍ଜିତ କୁମାର ଗୌଡ଼ଙ୍କୁ ଆଜୀବନ କାରାଦଣ୍ଡ ଓ ୧ ଲକ୍ଷଟଙ୍କା ଜରିମାନାରେ ଦଣ୍ଡିତ କରାଯାଇଛି । ଅର୍ଥ ଅନାଦେୟରେ ଅଧିକ ୬ ମାସ କାରାଦଣ୍ଡ ଭୋଗିବେ ବୋଲି ପୋକ୍‌ସୋ ତଥା ସ୍ୱତନ୍ତ୍ର ଜଜ୍ ପ୍ରଣତି ସାହା ରାୟ ପ୍ରକାଶ କରିଛନ୍ତି। ପରିବାର ଲୋକଙ୍କ ଅଭିଯୋଗ ଅନୁଯାଇ ୨୦୨୧ ଜାନୁଆରୀ ୯ରେ ଚନ୍ଦାହାଣ୍ଡି ଥାନାରେ ୧/୨୧ରେ ଏକ ମାମଲା ରୁଜୁ କାରାଯାଇଥିଲା ପୋଲିସ ମାର୍ଚ୍ଚ ୯ ତାରିଖରେ ଚାର୍ଜ ସିଟ ଦାଖଲ କରିଥିଲା। ଟି.ଆର କେସ ନମ୍ବର ୨/୨୧ ଅନୁଯାଇ ମାମାଲାଟି ବିଚାରାଧୀନ ଥିଲା। ୨୨ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ପୋକ୍‌ସୋ ତଥା ସ୍ୱତନ୍ତ୍ର ଜଜ ପ୍ରଣତି ସାହା ଅଭିଯୁକ୍ତଙ୍କୁ ଉପରୋକ୍ତ ରାୟ ଶୁଣାଇଛନ୍ତି। ଡିଏଲ୍‌ଏସ୍ ପକ୍ଷରୁ ପିଡିତାଙ୍କୁ ୮ଲକ୍ଷ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୋଗ ପରେ ଜିଲା କମିଟି ପକ୍ଷରୁ ପ୍ରାଥମିକ ନିଷ୍ପତ୍ତି ପରେ ୩ ଲକ୍ଷ ୫୦ ହଜାରଟଙ୍କା ପ୍ରଦାନ କରାଯାଇଥିଲା। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ସଚିଦାନନ୍ଦ ସ୍ୱାଇଁ ପରିଚାଳନା କରୁଥିଲେ।

# ରାସ୍ତାରୁ ଘର ତିଆରି ସାମଗ୍ରୀ ହଟାଇଲା ପୌରପାଳିକା



ପୌରପାଳିକା ପକ୍ଷରୁ ରାସ୍ତା ଅବରୋଧ କରୁଥିବ ଜିନିଷ ସବୁକୁ ହଟାଯାଉଛି।

ଜୟପୁର, ୧୨।୫(ନି.ପ୍ର.)

ଜୟପୁର କୋର୍ଟ ରାସ୍ତାରେ ଘର ତିଆରି ସାମଗ୍ରୀ ରଖିବାରୁ ରାସ୍ତା ସଂକୀର୍ଣ୍ଣ ହୋଇ ଟ୍ରାଫିକ୍ ସମସ୍ୟା ଦେଖାଯାଉ ଥିଲା। ତାହାକୁ ହଟାଇବାକୁ ପୌରପାଳିକାର ବାରମ୍ବାର ତାଗିଦ ପରେ ମଧ ଘର ମାଲିକମାନେ କର୍ଣ୍ଣପାତ କରୁ ନ ଥିଲେ। ଶୁକ୍ରବାର ଟାଉନ ପୋଲିସ ଉପସ୍ଥିତିରେ ଘର ତିଆରି ସମଗ୍ରୀକୁ ଉଠାଇ ଘର ମାଲିକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ସୂଚନାନୁଯାୟୀ, ଗୁରୁବାର ଜୟପୁର ଟାଉନ ପୋଲିସ ଓ ପୌର ପ୍ରଶାସନର ସୁପରଭାଇଜର ଜଗଦିଶ ରାଓ ଖ୍ରୀଷ୍ଟିଆନପେଟା କୋର୍ଟ ରୋଡରେ ପହଞ୍ଚି ସଚେତନ କରିଥିଲେ। କୋର୍ଟ ରାସ୍ତାରେ ଘର ନିର୍ମାଣ ଜିନଷ ରଖି ରାସ୍ତା ଅବରୋଧ କରିବା ଫଳରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ତାହାକୁ ହଟାଇବାକୁ ଜିନିଷ ରଖିଥିବା ମାଲିକମାନଙ୍କୁ ତାଗିଦ କରାଯାଇଥିଲା। କିନ୍ତୁ ଘର ମାଲିକ କିଛି ପଦକ୍ଷେପ ନ ନେବାରୁ ଜରିମାନା ଆଦାୟ କରାଯାଇଛିବା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

# ବିକ୍ରମଦେବ କଲେଜରେ ବିଜ୍ଞାନମେଳା



ଏନ୍‌ସିସି କ୍ୟାଡେଟ୍‌ମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

ଜୟପୁର, ୧୨।୫ (ନି.ପ୍ର.)

ପୋଖରାନର ନ୍ୟୁକ୍ଲିୟର ଟେଷ୍ଟର ୨୫ ବର୍ଷ ପୂର୍ତ୍ତି ଅବସରରେ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟରେ ଏନ୍‌ସିସି କ୍ୟାଡେଟଙ୍କ ଦ୍ୱାରା ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। କଲେଜ ଲ୍ୟାପଟେନାଣ୍ଟ ଲକ୍ଷ୍ମଣ ପାତ୍ର ଏହି ମେଳାକୁ ଆୟୋଜନ କରିଥିଲେ। ଏହି ବିଜ୍ଞାନ ମେଳାରେ ବାରିଣୀପୁଟର ପ୍ରୋଜେକ୍ଟ ହାଇସ୍କୁଲ ସେକେଣ୍ଡ ଅଫିସର ପର୍ଶୁରାମ ସେଠି, ପ୍ରକାଶ ବିଦ୍ୟାଳୟର ସିଟିଓ ରାଜେନ୍ଦ୍ର କୁମାର ସାହୁ, ସେଣ୍ଟ ଜାଭିୟର ସ୍କୁଲର ସୁରେଶ ଖରା ଉପସ୍ଥିତ ଥିଲେ। ଏଥିରେ ୪ଟି ପ୍ରୋଜେକ୍ଟ ପ୍ରଦର୍ଶିତ କରାଯାଇଛି।

# ସ୍ଥିତି ଅନୁଧ୍ୟାନକଲେ ନିର୍ବାହୀ ଅଧିକାରୀ



ସୁନାବେଡ଼ା/ସେମିଳିଗୁଡ଼ା, ୧୨।୫ (ସ୍ୱ.ପ୍ର.)

**ପଛୁଆ ବର୍ଗ ସର୍ବେକ୍ଷଣ**

ସରକାର ସାରା ରାଜ୍ୟରେ ପଛୁଆ ବର୍ଗ ଚିହ୍ନଟ ପାଇଁ ସର୍ବେକ୍ଷଣ ଆରମ୍ଭ କରିଛନ୍ତି। ଶୁକ୍ରବାର ସୁନାବେଡ଼ା ପୌର ପରିଷଦ ନିର୍ବାହୀ ଅଧିକାରୀ ନାରାୟଣ ନାୟକ ସେମିଳିଗୁଡ଼ା ଗୋପବନ୍ଧୁନଗର ପ୍ରାଇମେରି ସ୍କୁଲର ସର୍ବେକ୍ଷଣ କେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ସର୍ବେକ୍ଷଣ ରିପୋର୍ଟ କାର୍ଡ ଦେଖି ଲୋକଙ୍କ ସମସ୍ୟା ପଚାରି ବୁଝି ଥିଲେ।

ସୂଚନାନୁଯାୟୀ, ସୁନାବେଡ଼ା ପୌର ପରିଷଦ ଅଧୀନ ୨୫ ୱାର୍ଡରେ ମୋଟ ୬ଟି କେନ୍ଦ୍ର ଖୋଲାଯାଇଛି। ସେଗୁଡିକ ମଧ୍ୟରେ ସୁନାବେଡ଼ା–୧ସ୍ଥିତ ମିଗ୍ ୪ ପ୍ରାଇମେରି ସ୍କୁଲ ଓ ଗଞ୍ଜାମ କଲୋନି ପ୍ରାଇମେରି ସ୍କୁଲ ସର୍ବେକ୍ଷଣ କେନ୍ଦ୍ର ଭାବେ ରହିଛି। ସେହିଭଳି ହାଲ୍ ସହରାଞ୍ଚଳ ପାଇଁ ଡି ଜୋନ୍ ପ୍ରାଇମେରି ସ୍କୁଲ ଓ ଆର୍ ଜୋନ୍ ପ୍ରାଇମେରି ସ୍କୁଲ ରହିଛି। ସେମିଳିଗୁଡ଼ା ଅଞ୍ଚଳ ପାଇଁ ତଳଗଦବା ସାହି ପ୍ରାଇମେରି ସ୍କୁଲ ଏବଂ ଗୋପବନ୍ଧୁ ନଗର ପ୍ରାଇମେରି ସ୍କୁଲକୁ ସର୍ଭେ କେନ୍ଦ୍ର କରାଯାଇଛି। ୧ରୁ ଏହି ସର୍ଭେ ଆରମ୍ଭ ହୋଇଛି। ତାହା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚାର ଦାବିପତ୍ର

କୋରାପୁଟ, ୧୨।୫(ସ୍ୱ.ପ୍ର.)

ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା କୋରାପୁଟ ଶାଖା ପକ୍ଷରୁ ଶୁକ୍ରବାର ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି ଦାବିପତ୍ର ଗ୍ରହଣ କରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଯେଉଁ ଏସଇବିସିଙ୍କ ସ୍ଥିତି ସମ୍ପର୍କରେ ସର୍ଭେ କରୁଛନ୍ତି, ସେଥିରେ ଗୋଟିଏ ପରିବାରର ମୁଖ୍ୟ ସଦସ୍ୟ ସର୍ଭେ କେନ୍ଦ୍ର ଆସି ତଥ୍ୟ ପୂରଣ କରି ପାରିବା ବ୍ୟବସ୍ଥା କରାଯାଇଛି। ଏନୁମେରେଟର କେବଳ ସର୍ଭେ କେନ୍ଦ୍ରରେ ହିଁ ରହି ପ୍ରକ୍ରିୟା ସମ୍ପାଦନା କରିବେ। କିନ୍ତୁ ପଛୁଆବର୍ଗରେ ସଚେତନତା ଅଭାବରୁ ସମସ୍ତେ ଏଥିରେ ସାମିଲ ହେବା ସମ୍ଭବ ନୁହେଁ। ଫଳରେ ଏହି କାର୍ଯ୍ୟ ଅଧୁରା ହେବ। ଗୋଟିଏ କେନ୍ଦ୍ରରେ ସର୍ଭେ କରାଇବା ଏହି ବର୍ଗ ପାଇଁ ଅପମାନ ସୂଚକ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଯଦି ସରକାର ଏହି ୫୨% ପଛୁଆବର୍ଗଙ୍କ ହିତ ଚାହାନ୍ତି ତେବେ ଘରକୁ ଘର ବୁଲି ସର୍ଭେ କରିବା ସହ ଶିକ୍ଷା, ଚାକିରୀ ଓ ରାଜନୀତି କ୍ଷେତ୍ରରେ ସଂଖ୍ୟା ଅନୁପାତିକ ହକ ପ୍ରଦାନ କରନ୍ତୁ ବୋଲି ଦାବିପତ୍ରରେ ରହିଛି। ଦାବି ସମ୍ପର୍କରେ ଅତିରିକ୍ତ ଜିଲାପାଳଙ୍କ ସହ ସେଠାରେ ଉପସ୍ଥିତ ଥିବା ଜୟପୁର ଉପଜିଲାପାଳ ବେଦବର ପ୍ରଧାନ ଆଲୋଚନା କରିଥିଲେ। ସଚେତନତା ପାଇଁ ବିଭିନ୍ନ ଅଧିକାରୀଙ୍କୁ ତୁରନ୍ତ ପରାମର୍ଶ ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ବେଳେ ଅନ୍ୟମାନଙ୍କ ମଧ୍ୟରେ ଏ.ଗୁପ୍ତେଶ୍ୱର ରାଓ, ଶରତ ଗୌଡ଼, ସଞ୍ଜୟ କୁମାର ଝା, ଉପଦେଷ୍ଟା ବାଲା ରାୟ, ଜିଲା ସଭାପତି ମଦନମୋହନ ନାୟକ, ସମ୍ପାଦକ ପରମେଶ୍ୱର ପାତ୍ର, ରାଜ୍ୟ ସମ୍ପାଦକ ଚନ୍ଦ୍ରକାନ୍ତ ସୁତାର, ରାଜ୍ୟ ଉପସଭାପତି ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।



ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୩ ମେ , ୨୦୨୩



## ଆଜି କ'ଣ କେଉଁଠି

ରାୟଗଡ଼ା

- ରାଷ୍ଟ୍ରୀୟ ଲୋକ ଅଦାଲତ, ସ୍ଥାନ– ଜିଲା ଦୌରାଜଜଙ୍କ ଅଦାଲତ, ସମୟ– ସକାଳ ୯ଟା

## ସଂକ୍ଷେପରେ

### ଶିବ ବିବାହ, ଶୀତଳ ଷଷ୍ଠୀ ପାଇଁ ଶୁଭଖୁଣ୍ଟି ସ୍ଥାପନ

ଦାମନଯୋଡି,୧୨।୫(ଡି.ଏନ୍.ଏ.)-ଚଳିତ ମାସ ୨୪ ତାରିଖ ଶିବ ବିବାହ ଓ ୨୫ ତାରିଖ ଶୀତଳ ଷଷ୍ଠୀ ଉତ୍ସବ ପାଳନ ନେଇ ଭେଜାପୁଟସ୍ଥିତ ସିଦ୍ଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୈଦିକ ରୀତିନୀତିରେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଉଭୟ ବରପିତା ଆଲୋକ ଚୌଧୁରୀ ଓ କନ୍ୟାପିତା ସଦାନନ୍ଦ ସାହୁଙ୍କ ସମେତ ବହୁଲୋକ ଉପସ୍ଥିତ ଥିଲେ। ମନ୍ଦିର ପରିସରରେ ଥିବା ତୁଳସୀ ଚଉରା ନିକଟରେ ସ୍ୱତନ୍ତ୍ର ପୂଜାନୀତି କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ପରେ ଉଭୟ ବରପକ୍ଷ ଓ କନ୍ୟାପକ୍ଷ ମହାର୍ଦ୍ଧ ଆଦାନ ପ୍ରଦାନ ପୂର୍ବକ ନିର୍ବନ୍ଧ କାର୍ଯ୍ୟ ସାରିଥିଲେ। ଏହାପରେ ଗୁଆ ଅନୁକୂଳ କରାଯାଇଥିଲା। ଦାମନଯୋଡ଼ିର ବିଭିନ୍ନ ମନ୍ଦିରଙ୍କୁ ନିମନ୍ତ୍ରଣ କରାଯିବ ବୋଲି ସୂଚନା ମିଳିଛି। ଶିବ ବିବାହ ଉତ୍ସବରେ ଚଳିତ ବର୍ଷ ଆଲୋକ ଚୌଧୁରୀ ଓ ପ୍ରୀତିପଦ୍ମା ଚୌଧୁରୀ ମହାଦେବଙ୍କ ମାତା,ପିତା ଓ ପାର୍ବତୀଙ୍କ ମାତାପିତାଭାବେ ସଦାନନ୍ଦ ସାହୁ ଓ ସ୍ତ୍ରୀ ରାଜଲକ୍ଷ୍ମୀ ସାହୁ ସମସ୍ତ କାର୍ଯ୍ୟ ତୁଲାଇବେ। ମନ୍ଦିରର ପୂଜକ ମାନସ ରଞ୍ଜନ ଦାଶ ଏହି ସ୍ୱତନ୍ତ୍ର ନିତୀକାନ୍ତି କରିଥିବାବେଳେ ଶିବ ବିବାହ ପାଇଁ ସମସ୍ତ ନିତୀ ନାର୍ଘଣ୍ଟ ପାଞ୍ଜି ଅନୁସାରେ ସ୍ଥିର ହୋଇଛି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଭୟ ବର ଓ କନ୍ୟା ପକ୍ଷ ସମେତ ବାବୁଲି ସ୍ୱାଇଁ, କୈଳାସ ମହାନ୍ତ, ସର୍ବେଶ୍ୱର ପଣ୍ଡା, ଗଦାଧର ପାହାଡସିଂ, ଉପେନ୍ଦ୍ର ପାଣିଗ୍ରାହୀ, ତାରିଣୀ ସାହୁ,କାଳାଚରଣ ଷଡ଼ଙ୍ଗୀ, ରାଜେନ୍ଦ୍ର ବେହେରା, ଅଭିମନ୍ୟୁ ପାଣିଗ୍ରାହୀ, ଗୋବିନ୍ଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟିର ସଦସ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଏମ୍‌ଜିଏନ୍‌ଆର୍‌ଇଜିଏସର ବ୍ଲକସ୍ତରୀୟ ଜନଶୁଣାଣି

ବିଷମକଟକ,୧୨।୫(ଡି.ଏନ.ଏ.)- ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ବିଷମକଟକ ବ୍ଲକସ୍ତରୀୟ ଜନଶୁଣାଣି ଶୁକ୍ରବାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୨୧ଟି ପଞ୍ଚାୟତରୁ ଗୋଟିଏ ମଧ୍ୟ ଅଭିଯୋଗ ନ ଥିଲା। ମାସକ ପୂର୍ବରୁ ଜନଶୁଣାଣି ପାଇଁ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଓ ଜନଗହଳି ସ୍ଥାନରେ ନୋଟିସ ମରାଯିବା କଥା, କିନ୍ତୁ ଏପରି କିଛି ଦେଖିବାକୁ ମିଳି ନ ଥିଲା। ୨୦୨୨ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ବ୍ଲକରେ ହୋଇଥିବା ସମସ୍ତ ଏମଜିଏନଆରଇଜିଏସ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜନଶୁଣାଣି ହୋଇଥିଲା। ପୂର୍ବରୁ ପଞ୍ଚାୟତ ସ୍ତରୀୟ ଅତିତ ସମୟରେ ନଥିପତ୍ରରେ ଚିହ୍ନଟ ହୋଇଥିବା ଭୁଲଗୁଡିକ ସମ୍ପର୍କରେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ସମ୍ମୁଖରେ ଅତିରିକ୍ତ ଜିଲ୍ଲାପାଳ ଧମାନନ୍ଦ ବେହେରା ଆଲୋଚନା କରିଥିଲେ। ୬ମାସ ମଧ୍ୟରେ ବ୍ଲକରେ ୧୩୦୦୨ପରିବାରକୁ ଏହି ଯୋଜନାରେ ସାମିଲ କରି ୭୫୩୭୨୬କର୍ମ ଦିବସ ପ୍ରଦାନ କରାଯାଇଛି । ୧୨୫୭ପରିବାରକୁ ୧୦୦ ଦିନର ଶ୍ରମ ନିଯୁକ୍ତି ଦିଆଯାଇଛି ବୋଲି କୁହାଯାଇଥିଲା। ଏଥି ସହିତ ମନରେଗା ଯୋଜନାରେ କୃଷିଭିତ୍ତିକ କାର୍ଯ୍ୟ,ଜମି ମରାମତି, ଡକ ୱେଲ,ଆଡି ବନ୍ଧ, ବର୍ଷାଜଳ ସଂରକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ସୁଚନା ପ୍ରଦାନ କରାଯାଇଥିଲା। ଜନଶୁଣାଣିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାସିବ ନାୟକ,ବ୍ଲକ ଅଧକ୍ଷା ଯଶୋଦା ହୁଇକା,ସହକାରୀ ଯନ୍ତ୍ରୀ ପ୍ରତ୍ୟୁଷ ତ୍ରିପାଠୀ,ଏପିଓ ମାନସି ପାତ୍ର ଏବଂ ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହିଥିବା ବେଳେ ଆ.ଇ.ଟି.ଡି.ଏ ବିଭାଗ କୁ ଛାଡି ଦେଲେ ସମସ୍ତ ଲାଇନ ଡିପାର୍ଟମେଂଟ ର କର୍ମଚାରୀ ମାନେ ଉପସ୍ଥିତି ଥିଲେ।

# ଡିକେଡିଏ, ଓପିଲିପି କର୍ମଚାରୀଙ୍କ ସମ୍ପୃକ୍ତି ନାହିଁ: ଅତିରିକ୍ତ ଜିଲାପାଳ

**ଡଙ୍ଗରିଆ ମହିଳାଙ୍କ ଟଙ୍କା ନିଆଯିବା ଅଭିଯୋଗ ଘଟଣା**

ବିଷମକଟକ,୧୨।୫(ଡି.ଏନ.ଏ.)

ବିଷମକଟକ ବ୍ଲକ ନିୟମଗିରି ପାହାଡ଼ ପାଦଦେଶରେ ଥିବା ବାଲାପାଇ ଗ୍ରାମର ଟିମି ପୁଷିକାଙ୍କୁ ଓପିଲିପି ପ୍ରତାରଣା କରିଥିବା ନେଇ କୌଣସି ସତ୍ୟତା ନାହିଁ ବୋଲି ଶୁକ୍ରବାର ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ସୂଚନା ଦେଇଛନ୍ତି।

ଟିମି ଗୁରୁବାର ରାୟଗଡ଼ା ଯାଇ ଅତିରିକ୍ତ ଜିଲାପାଳ ବେହେରାଙ୍କୁ ଓଡ଼ିଶା ଆଦିବାସୀ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନତୀକରଣ (ଓପିଲିପି) ସଂସ୍ଥା ବିରୋଧରେ ଅଭିଯୋଗ କରିଥିଲେ। ଶୁକ୍ରବାର ବ୍ଲକରେ ଏମଜିଏନଆରଇଜିଏସର ଜନଶୁଣାଣି କାର୍ଯ୍ୟକ୍ରମରେ କିଞ୍ଜାମଯୋଡି ଗ୍ରାମ ଓପିଲିପି ସଂସ୍ଥାର ସଭାପତି ଓ ଅନ୍ୟାନ୍ୟ ସଦସ୍ୟଙ୍କ ସହିତ ଗ୍ରାମବାସୀ ଆସି ଟିମିଙ୍କ ଅଭିଯୋଗ ମିଛ ବୋଲି ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାକୁ ଭିତ୍ତିକରି ଅତିରିକ୍ତ ଜିଲାପାଳ ଓ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ, ଅଧକ୍ଷ ଯଶୋଦା ହୁଇକ, ଉପାଧକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ବାଲାପାଇ ଗ୍ରାମକୁ ଯାଇ ଟିମିଙ୍କୁ ଭେଟିଥିଲେ। ଟିମି କହିଥିଲେ ରାୟଗଡ଼ାର ୩ଜଣ ଗଣମାଧ୍ୟମ ପ୍ରତିନିଧି ବାଧ୍ୟ କରି ଓପିଲିପି ନାଁରେ ମିଥ୍ୟା ଅଭିଯୋଗ କରିବା ପାଇଁ କହିଥିଲେ। ଆଳୁ ବିହନ ଓ ଟଙ୍କା ପ୍ରଲୋଭନ ଦେଖାଇ ଓପିଲିପି ସଂସ୍ଥା ବିରୋଧରେ ମୋ ଦ୍ୱାରା କୁହାଇଛନ୍ତି। ସେ ଗ୍ରାମର ବାରିକଙ୍କ ଠାରୁ ବେଳେ ଧାର ନେଇଥାନ୍ତି । କିନ୍ତୁ ଓପିଲିପିର କୌଣସି କର୍ମଚାରୀଙ୍କୁ କେବେ ଲାଞ୍ଚ ଦେଇନାହାନ୍ତି କି ତାଙ୍କୁ କେହି ଲାଞ୍ଚ ମାଗିନାହାନ୍ତି ବୋଲି କହିଥିଲେ। ଟିମିଙ୍କ ଅଭିଯୋଗ ପଛରେ ଓପିଲିପି ସଂସ୍ଥାର କୌଣସି କର୍ମଚାରୀ ସମ୍ପୃକ୍ତି ନାହିଁ । କେତେଜଣ ସାମ୍ବାଦିକ ତାଙ୍କୁ ଏଭଳି ପ୍ରବର୍ତ୍ତାଇଥିବା ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ସୂଚନା ଦେଇଛନ୍ତି ।

ଓପିଲିପି ସଂସ୍ଥା ଦ୍ୱାରା ଅଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟକ୍ରମ ହୋଇଛି। ଯାହାଦ୍ୱାରା ଅଞ୍ଚଳବାସୀଙ୍କର ଆର୍ଥିକ ଓ ସାମାଜିକ ବିକାଶ ହୋଇଛି । ଏଣୁ ଓପିଲିପି ସଂସ୍ଥା ନାମରେ ଅଯଥା ମିଥ୍ୟା ଅଭିଯୋଗ କରିବାକୁ ଯଦି ଆଗାମୀ ଦିନରେ କୌଣସି ସାମ୍ବାଦିକ ପ୍ରବର୍ତ୍ତାଇବାକୁ ଚେଷ୍ଟା କରନ୍ତି ତା'ହେଲେ ସେମାନଙ୍କୁ ଅଞ୍ଚଳରେ ପୁରାଇଦେବୁ ନାହିଁ ବୋଲି କିଞ୍ଜାମଯୋଡିବାସୀ କହିଛନ୍ତି । ଜନଶୁଣାଣିରେ ଅଭିଯୋଗ ପତ୍ର ପ୍ରଦାନ ସମୟରେ ଡମ୍ପ ପୁଷିକା, ଜଟିଆ ପି ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।



ଗାଁକୁ ତଦନ୍ତ କରିବାକୁ ଆସିଥିବା ଅଧିକାରୀମାନେ ।

# ନିୟମିତ ଖୋଲୁନି ପଦ୍ମଗିରି ପୋଷ୍ଟ ଅଫିସ




ପୋଷ୍ଟ ଅଫିସକୁ ଆସିଥିବା ଗ୍ରାହକମାନେ ।

ମାଲକାନଗିରି,୧୨।୫(ଡି.ଏନ୍.ଏ.)

ମାଲକାନଗିରି ସଦର ବ୍ଲକରେ ଥିବା ପଦ୍ମଗିରି ପୋଷ୍ଟ ଅଫିସ ନିୟମିତ ଖୋଲା ଯାଉ ନ ଥିବାରୁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଡାକ ଘରେ ସଞ୍ଚୟ ଖାତା ଖୋଲିଥିବା ବୟସ୍କ, ଭିନ୍ନକ୍ଷମ ପେନସନ ହିତାଧିକାରୀମାନେ ପ୍ରତିଦିନ ଦୂରଦୂରାନ୍ତରୁ ଆସି ଅଫିସ ବରଣ୍ଡାରେ ଅପେକ୍ଷା କରି ନିରାଶରେ ଫେରୁଥିବା ଅଭିଯୋଗ ହୋଇଛି । ଏହି ପୋଷ୍ଟ ଅଫିସରେ ଥିବା କର୍ମଚାରୀ ଡାକସେବା ଯୋଗାଇବା ପାଇଁ ଅନେକ ସ୍ଥାନକୁ ଯାଉଥିବା ବେଳେ ଏହା ଠିକ ରୂପେ ଖୋଲା ଯାଇପାରୁନାହି । ଫଳରେ ଦୂରଦୁରାନ୍ତରୁ ଆସିଥିବା ଲୋକେ ଅନେକ ସେବାରୁ ବଞ୍ଚିତ ହେଉଛନ୍ତି। ପୋଷ୍ଟ ଅଫିସକୁ ଠିକ ରୂପେ ଖୋଲିବାକୁ ସାଧାରଣରେ ଦାବି ହୋଇଛି ।

# ନବ ନିର୍ବାଚିତ ଟ୍ରକ ମାଲିକ ସଂଘର ଶପଥ ଗ୍ରହଣ



ଟ୍ରକ ମାଲିକ ସଂଘ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରୁଛନ୍ତି ।

**ସଂଘ ସମସ୍ୟାର ସମାଧାନ କରିବି: ସଭାପତି କୋଣ୍ଡାବାବୁ**

ରାୟଗଡା ଅଫିସ,୧୨।୫

ରାୟଗଡା ଟ୍ରକ ମାଲିକ ସଂଘରେ ଦୀର୍ଘ ୩୭ବର୍ଷ ଧରି ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ କରିବା ସହ ସଂଘର ବିକାଶକୁ ଗୁରୁତ୍ୱ ଦିଆଯିବ ବୋଲି ନବ ନିର୍ବାଚିତ ସଭାପତି ୟାଲ୍ଲା ଭେଙ୍କେଟେଶ୍ୱର ରାଓ ଓରଫ କୋଣ୍ଡାବାବୁ ଶପଥ ଗ୍ରହଣ କରିବା ପରେ କହିଛନ୍ତି। ତାଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଟ୍ରକ ମାଲିକ ସଂଘର ସମସ୍ତ ସଦସ୍ୟ ସମର୍ଥନ ଦେଇଥିବାରୁ କୋଣ୍ଡାବାବୁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ରାୟଗଡା ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର ନବ ନିର୍ବାଚିତ ସଦସ୍ୟମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ବିରଜା ପ୍ରସାଦ ପାତ୍ର ସଂଘର ନବ ନିର୍ବାଚିତ କାର୍ଯ୍ୟକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ। ସଂଘର କାର୍ଯ୍ୟକାରୀ କମିଟି ସଭାପତି ଜେ.ରାମ ମୋହନ ରାଓ, ଉପସଭାପତି କେ.ସୂରିୟା, ଜେ.ଧର୍ମା,ଏମ.ବାବୁଙ୍କ ସମେତ ସଂପାଦକ ଜାନକୀ ରାମ୍ନାୟା, ଯୁଗ୍ମ ସଂପାଦକ ସୁଧା ମୁଦୁଲି ଏବଂ କୋଷାଧ୍ୟକ୍ଷ ଭୋଲ୍ଲା ପ୍ରସାଦ ପ୍ରମୁଖ ନିଜ ଦାୟିତ୍ୱକୁ ନିଷ୍ଠାର ସହିତ ପାଳନ କରିବୁ ବୋଲି ଶପଥ ପାଠ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିଥିବା ପଦାଧିକାରୀଙ୍କୁ ଟ୍ରକ ମାଲିକ ସଂଘର ସମସ୍ତ ସଦସ୍ୟଙ୍କ ସମେତ ରାୟଗଡାର ବିଭିନ୍ନ ଅନୁଷ୍ଠାନ,ସଂଘ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା,ସୁନୀଲ ଚନ୍ଦ୍ର ପଣ୍ଡା,ଆଦିବାସୀ ଯୁବ ନେତା ଆପଲାସ୍ୱାମୀ କାଡ୍ରକା,ବସନ୍ତ ଉଲକାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ ।

## ଗଞ୍ଜେଇ ଜବତ, ମହିଳା ଗିରଫ

ମାଲକାନଗିରି,୧୨।୫(ଡି.ଏନ୍.ଏ.)

ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ଭି–୭ ଗ୍ରାମ ଛକଠାରେ ଗଞ୍ଜେଇ ଚାଲାଣ କରିବାକୁ ଅପେକ୍ଷା କରିଥିବା ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଛି। ଗୁରୁବାର ପୂର୍ବାହ୍ନରେ ମହିଳା ଜଣକ ବ୍ୟାଗ୍‌ରେ ଗଞ୍ଜେଇ ଧରି ବାହାରକୁ ଚାଲାଣ କରିବାକୁ ଠିଆ ହୋଇଥିବା ପୋଲିସ ଖବରପାଇ ସେଠାରେ ପହଞ୍ଚିଥିଲା। ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରୁ ୬ କିଲୋ ଗଞ୍ଜେଇ ମିଳିଥିଲା। ଉକ୍ତ ଗଞ୍ଜେଇ ଜବତ କରିବା ସହ ସମ୍ପୃକ୍ତ ମହିଳାଙ୍କୁ ପୋଲିସ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

## ବଳାତ୍କାର ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

ଛତ୍ରପୁର,୧୨।୫(ଡି.ଏନ୍.ଏ.):

ଗଞ୍ଜାମ ବ୍ଲକ ମାଳି ଜଗନ୍ନାଥପୁର ଗାଁରେ ୨୦୧୮ ମେ' ୫ ରେ ଘଟିଥିବା ଏକ ବଳାତ୍କାର ମାମଲାର ବିଚାର କରି ଛତ୍ରପୁର ଏଡିଜେ ମନୋରଞ୍ଜନ ଦାଶ ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣଙ୍କ ହେଲେ ମାଳିଜଗନ୍ନାଥପୁର ଗାଁର ସୁଦର୍ଶନ ମହାପାତ୍ର ଓ ସେ ବିବାହିତ ।

# ଅନ୍ତର୍ଜାତୀୟ ସେବିକା ଦିବସ




ମଞ୍ଚାସୀନ ଅତିଥି ।

**ସତ୍ୟନାରାୟଣ ନର୍ସିଂ ତାଲିମ ମହାବିଦ୍ୟାଳୟ**

ମାଲକାନଗିରି,୧୨।୫(ଡି.ଏନ୍.ଏ.)

ମାଲକାନଗିରି ସ୍ଥିତ ସତ୍ୟନାରାୟଣ ନର୍ସିଂ ତାଲିମ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସପ୍ତାହବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ସ୍ୱାସ୍ଥ୍ୟସେବାର ପଥ ପ୍ରଦର୍ଶକ ଫ୍ଲୋରେନ୍ସ ନାଇଟେଙ୍ଗେଲଙ୍କ ପ୍ରତିମା ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଅତିଥିଭାବେ ମାଲକାନଗିରି ମୁଖ୍ୟ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ପି.କେ. ନନ୍ଦ, ସହାୟକ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଅନୀଲ କୁମାର ମିଶ୍ର, ଜିଲା ଟିକା ଏବଂ ଉପକରଣ ପରିଚାଳକ ଜ୍ୟୋତି ନାରାୟଣ ମଲ୍ଲିକ, ମାଟ୍ରନ ରୁକ୍ମିଣୀ ନାୟକ ଏବଂ ଅନୁଷ୍ଠାନର ସମ୍ପାଦିକା ମମତା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ନନ୍ଦ ତାଙ୍କ ବକ୍ତବ୍ୟରେ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ମଜଭୁତ କରିବା ପାଇଁ ନର୍ସିଂ ବୃତ୍ତିରେ ସୁରକ୍ଷା, ସମର୍ଥନ ଓ ବିନିଯୋଗ କରିବାର ସମୟ ଆସିଛି ବୋଲି କହିଥିଲେ। ସେହିପରି ଅନ୍ୟ ଅତିଥିମାନେ ମଧ୍ୟ ନିଜ ନିଜ ବକ୍ତବ୍ୟ ରଖିଥିଲେ। ଛାତ୍ରୀଛାତ୍ରମାନେ ସେବା–ନିଷ୍ଠାକୁ ଦୃଢ଼ୀଭୂତ କରିବା ପାଇଁ ଶପଥ ପାଠ କରିଥିଲେ । ଏହ ଅବସରରେ ନର୍ସିଂ ସପ୍ତାହରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ଜିଲା ମୁଖ୍ୟ ଚିକିତ୍ସାଳୟ ମାଲକାନଗିରିରେ ବେଷ୍ଟ ନର୍ସ ଭାବେ ଭାରତୀ ବେହେରାଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରଯାଇଥିଲା । ଜିଏନ୍‌ଏମ୍ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ୱୟଂସ୍ମିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଏସ୍‌ଏଚଜିର ୬ ଲକ୍ଷ ଟଙ୍କା ନେଇ ଦମ୍ପତି ଫେରାର

**ଏସ୍‌ପିଙ୍କ ଦ୍ୱାରସ୍ଥ ମହିଳା ସଂଘ**

ରାୟଗଡ଼ା,୧୨।୫(ସ୍ୱ.ପ୍ର.)

ଗରିବ ଆଦିବାସୀଙ୍କ ମନରେ ବିଶ୍ୱାସ ଜନ୍ମାଇ ପରେ ୧୧ ଜଣ ମହିଳାଙ୍କଠାରୁ ୬ ଲକ୍ଷ ୨୧ହଜାର ୫୦୦ ଟଙ୍କା ନେଇ ଏକ ଦମ୍ପତି ଫେରାର ହୋଇ ଯାଇଛନ୍ତି। ଠକାମୀର ଶକାର ହୋଇଥିବା ମହିଳାମାନେ ୪ଦିନ ପୂର୍ବେ ଏ ନେଇ ରାୟଗଡ଼ା ଟାଉନ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ କରିନଥିଲା ବୋଲି ସେମାନେ କହିଛନ୍ତି । ତେଣୁ ଟଙ୍କା ଫେରି ପାଇବା ପାଇଁ ମହିଳାମାନେ ଶୁକ୍ରବାର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ । ଏସପି ଅନୁପସ୍ଥିତ ଥିବାରୁ ସେମାନଙ୍କୁ ସେଠାରୁ ରାୟଗଡ଼ା ଏସଡିପିଓ ଅଫିସକୁ ପଠାଇ ଦିଆଯାଇଥିଲା । ଏସଡିପିଓ ଦେବଜ୍ୟୋତି ଦାସ ମହିଳାମାନଙ୍କଠାରୁ ସବୁ ଶୁଣିବା ପରେ ପୁଣି ଥରେ ରାୟଗଡ଼ା ଥାନାକୁ ଏତଲା ଦେବା ପାଇଁ ଯିବାକୁ କହିଥିଲେ। ଏସଡ଼ିପିଓଙ୍କ କହିବାନୁସାରେ ମହିଳାମାନେ ଥାନାକୁ ଯାଇ ଏତଲା ଦେଇଥିଲେ । ଆଇଆଇସି କେକେବିକେ କହଁର ଫେରାର ଦମ୍ପତିଙ୍କ ମୋବାଇଲକୁ ଫୋନ କରିଥିଲେ। ଅଭିଯୁକ୍ତା ସ୍ତ୍ରୀ ଝୁନୁ ସାହୁ ଫୋନରେ କଥା ହୋଇଥିଲେ ମଧ୍ୟ ତାଙ୍କ ସ୍ୱାମୀ ରମେଶ ସାହୁ ଅନୁପସ୍ଥିତ ଥିବା ସେ କହିଥିଲେ । ଆଇଆଇସି କହଁର ସମ୍ପୃକ୍ତ ଦମ୍ପତିଙ୍କୁ ଯଥାଶୀଘ୍ର ରାୟଗଡ଼ା ଥାନାକୁ ଆସି ଏହାର ସମାଧାନ କରିବାକୁ କହିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗଞ୍ଜାମ ଜିଲା ବାଉଁଶଲୁଣ୍ଡି ଥାନା ଅନ୍ତର୍ଗତ ଗାମୁଣ୍ଡି ଗ୍ରାମର ଅଭିଯୁକ୍ତ ରମେଶ ଓ ତାଙ୍କ ସ୍ତ୍ରୀ ଝୁନୁ ଏବଂ ତାଙ୍କ ସମ୍ପର୍କୀୟ ଦିଲୀପ କୁମାର ସାହୁ, ନିଲୁ ସାହୁ, ଲିଙ୍କିନା ସାହୁ ପ୍ରମୁଖ ପ୍ରାୟ ୧୫ ବର୍ଷ ହେବ ରାୟଗଡ଼ାରେ ରହୁଥିଲେ। ଏବେ ପ୍ରାୟ ୬ରୁ ୭ ବର୍ଷ ହେବ ସେମାନେ ମାଙ୍କଡ଼ଖୋଲା ଅଞ୍ଚଳରେ ରହି କ୍ଷୀର, ମିକ୍ସଚର ଓ ବିଭିନ୍ନ ପ୍ରକାର ଖୁଚୁରା ବେପାର କରି ଆସୁଥିଲେ । ତେବେ ମାଙ୍କଡ଼ଖୋଲାରେ ରହିବା ପରେ ଅଂଚଳର ମହିଳାମାନଙ୍କ ସହ ମିଶି ଗ୍ରୁପ ଗଠନ କରି ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଇଥିଲେ। ମାଙ୍କଡ଼ଖୋଲା ଗ୍ରାମର ନଳିନୀ କୁମାରୀ ସାହୁ, ଫୁଲମତି ଖୋଡ଼ିଆ, ସଞ୍ଜୁ ଜାନି, କମଳା ମୁଦୁଲି, ବିମଳା ଜାନି, ଲତା କୌଶଲ୍ୟା, ବାସନ୍ତି ମୁଦୁଲି, ସବିତା ଜାନି, କିୟାମା ଜାନି ଓ ଧନବତୀ ଖୋଡ଼ିଆ ପ୍ରମୁଖ ମହିଳାଙ୍କ ସହ ମିଶି ଏକ ଗ୍ରୁପ ଗଠନ କରିଥିଲେ । ଉକ୍ତ ଗ୍ରୁପ ନାମରେ ପରବର୍ତ୍ତି ସମୟରେ ବିଭିନ୍ନ ଫାଇନାନ୍ସ କମ୍ପାନୀରୁ ଋଣ ଉଠାଇ ସମସ୍ତ ଟଙ୍କା ନେଇ ରମେଶ ଓ ତାଙ୍କ ପରିବାର କେଉଁଆଡ଼େ ଫେରାର ହୋଇଯାଇଛନ୍ତି । ଯାହା ଫଳରେ ଫାଇନାନ୍ସ କମ୍ପାନୀ ଅନ୍ୟମାନଙ୍କୁ ଋଣ ପରିଶୋଧ କରିବାକୁ ବାଧ୍ୟ କରୁଛି ।

# ୧୪ରୁ ବାୟୁ ସ୍ୱାସ୍ଥ୍ୟସେବା କ୍ୟାମ୍ପ

ନବରଙ୍ଗପୁର,୧୨।୫(ବି.ପ୍ର.)

ଆସନ୍ତା ୧୪ରୁ ୧୭ ତାରିଖ ପର୍ଯ୍ୟନ୍ତ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କ୍ୟାମ୍ପ ଅନୁଷ୍ଠିତ ହେଉଛି। କ୍ୟାମ୍ପରେ ଓଡିଶାର ବିଭିନ୍ନ ବିଭାଗର ବରିଷ୍ଠ ଡାକ୍ତର ସ୍ୱାସ୍ଥ୍ୟସେବା ଯୋଗାଇବେ। ଏହି କ୍ୟାମ୍ପରେ, ଅଣ୍ଡକୋଷ ବୃଦ୍ଧି, ହାରନିଆ, ମୂତ୍ରନଳୀ ଜନିତ ରୋଗ, କିଡ୍‌ନୀ ରୋଗ, ହୃଦ୍‌ରୋଗ, ପେଟଜନିତ ରୋଗ, ଗଳଗଣ୍ଡ ରୋଗ, ଅନ୍ତନଳୀ ରୋଗ ପରୀକ୍ଷା କରାଯିବ। ସମସ୍ତ ପ୍ରକାର ରୋଗର ପରୀକ୍ଷା, ନିରୀକ୍ଷଣ ପରେ ଅପରେସନ କରାଯିବ। ହସ୍ପିଟାଲରେ ରକ୍ତ ପରୀକ୍ଷା ଓ ଔଷଧ ମାଗଣାରେ ଯୋଗାଇ ଦିଆଯିବ। ସରକାରଙ୍କ ଦ୍ୱାରା ସମସ୍ତ ପରୀକ୍ଷା ନିଦାନ ଯୋଜନାରେ ଏବଂ ଔଷଧ ନିରାମୟ ଯୋଜନାରେ ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ଏଥିପାଇଁ ଜନସାଧାରଣ ନିକଟସ୍ଥ ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନାମ ପଞ୍ଜୀକୃତ କରିପାରିବେ ବୋଲି ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଗ୍ରାମାଞ୍ଚଳରେ ଅଧିକ ସୂଚନା ପାଇଁ ଆଶା, ଅଙ୍ଗନୱାଡି ଓ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଗାଯୋଗ କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ବିଜେଡିର ପଦ୍ମଗିରି ଜିଲାପରିଷଦ ଜୋନସ୍ତରୀୟ ବୈଠକ



ବୈଠକରେ ଉପସ୍ଥିତ ବିଜେଡି ନେତା ଓ କର୍ମୀମାନେ ।

ମାଲକାନଗିରି,୧୨।୫(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ଜିଲା ପରିଷଦ ଜୋନ ପାଇଁ ଜିଲା ବିଜେଡି ପକ୍ଷରୁ ଜୋନସ୍ତରୀୟ ୱାର୍ଡ କମିଟି ଓ ବୁଥ କମିଟି ଗଠନ ନେଇ ଏକ ବୈଠକ ଶୁକ୍ରବାର ସତୀଗୁଡା ଇକୋ ପାର୍କ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଗିରି ଜିଲା ପରିଷଦ ଜୋନ ଅନ୍ତର୍ଗତ ୭ଟି ପଞ୍ଚାୟତ ଯଥା ସିନ୍ଧ୍ରିମାଲ, ଗୌଡ଼ଗୁଡା, ତାମସା, ଝରାପାଲ୍ଲୀ, ପେଡାକୋଣ୍ଡା, ପଦ୍ମଗିରି ଓ ଉଡୁପାର ସମସ୍ତ ବିଜେଡି କର୍ମକର୍ତ୍ତା ଯୋଗ ଦେଇଥିଲେ। ଜିଲା ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡକାମୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ କିଭଳି ଟାଣ କରିହେବ ସେନେଇ କର୍ମକାର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ବୈଠକରେ ନବନିଯୁକ୍ତ ପଦ୍ମଗିରି ଜିଲା ପରିଷଦ ଜୋନ ସଂଯୋଜକ ଗୋପୀ ପାଙ୍ଗିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୋନ ସଂଯୋଜକ ଗୋପୀ ପାଙ୍ଗି ସାତଟି ଗ୍ରାମ ପଞ୍ଚାୟତର ସମସ୍ତ କର୍ମକାର୍ତ୍ତାଙ୍କୁ କିଭଳି ପଞ୍ଚାୟତ ସ୍ତରରେ ନୂତନ ୱାର୍ଡ କମିଟି ଓ ବୁଥ କମିଟି ଗଠନ କରାଯିବ ସେ ନେଇ ବୁଝାଇଛନ୍ତି । ବୈଠକରେ ମାଲକାନଗିରି ବ୍ଲକ ଅଧକ୍ଷା ଗୌରି ପଡ଼ିଆମୀ, ଜିଲା ପରିଷଦ ସଭ୍ୟା କୁନି ଭୁମିଆ, ପୂର୍ବତନ ବ୍ଲକ ଅଧକ୍ଷ ଅକ୍ଷୟ କୁମାର ନାୟକ, ଯୁବ ନେତା ସଦାନନ୍ଦ ଖରା, ନିରଞ୍ଜନ ଗାଇନ, ଜଳେନ୍ଦ୍ର ବାଘ, ଅର୍ଜୁନ କୁମାର ଭତରା, ଶ୍ରୀହରି ହରିଜନ, ସୁନାଧର ମାଡକାମୀ ପ୍ରମୁଖଙ୍କ ସହ ବହୁ ପଞ୍ଚାୟତ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସଡକ ସୁରକ୍ଷା ଲାଗି ସମନ୍ୱୟ ବୈଠକ

ରାୟଗଡା ଅଫିସ/ରାୟଗଡ଼ା, (ସ୍ୱ.ପ୍ର.) ୧୨।୫

ରାୟଗଡ଼ା ଉପଖଣ୍ଡରେ ସଡକ ସୁରକ୍ଷା ଓ ଆଇନ ଶୃଙ୍ଖଳା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ପୋଲିସ ବିଭାଗର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଉପଜିଲାପାଳ ଭୀମସେନ ଶବର ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଉପଖଣ୍ଡ ପୋଲିସ ଅଧିକାରୀ ଦେବଜ୍ୟୋତି ଦାସ ଯୋଗ ଦେଇଥିଲେ । ବିଶେଷ କରି ଆଇନ ଶୃଙ୍ଖଳା ପରିସ୍ଥିତି, ସଡ଼କ ସୁରକ୍ଷା ଏବଂ ସିଏସଆର ଦାୟିତ୍ୱ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ସଡ଼କ ଦୁର୍ଘଟଣା ରୋକିବା ନିମନ୍ତେ ଦୃଢ଼ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଥିଲା।



ଅଧିକାରୀମାନଙ୍କ ମଧ୍ୟରେ ଆଲୋଚନା ଚାଲିଛି ।

ସହର ଭିତରକୁ ଭାରୀଯାନ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ । ସାଇ ଇଣ୍ଟରନ୍ୟାଶନାଲ ଛକ ଦେଇ ସିରିକଣା ବଡ଼ ଗାଡି ସବୁ ଚଳାଚଳ କରିବ। ପୋଲିସ ବିଭାଗ ଯଥେଷ୍ଟ ସାଇନ ବୋର୍ଡ ଲଗାଇବେ ରାସ୍ତା କଡ ଜବରଦଖଲ ଉଚ୍ଛେଦ କରାଯିବ । ଏଥିନିମନ୍ତେ ପୋଲିସ, ପୌର ପରିଷଦ, ତହସିଲଦାର ଓ ଟାଉନ ଥାନାର ସହାୟତା ନିଆଯିବ । ଦ୍ରୁତ ଓ ବେପାରୁଆ ଗାଡି ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ସହରର ଦୁର୍ଘଟଣା କମ କରିବା ନିମନ୍ତେ ରାସ୍ତାକଡ଼ରେ ସାଇନ ବୋର୍ଡ, ସିଗ୍ନାଲ ଆଦି ଦେବା ସହିତ ଆମ୍ବଗୁଡା, ଗଜପତି ଛକ, ହନୁମାନ ମନ୍ଦିର, ତୁମ୍ବିଗୁଡା ଛକ ଓ ହୋଣ୍ଡା ଶୋଅ ରୁମ ଛକରେ ସିଲିଙ୍ଗ, ରିଲିଙ୍ଗ ବ୍ୟବସ୍ଥା କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷକୁ ନିର୍ଦ୍ଦେଶ ଦିଆଯାଇଥିଲା । କଡାକଡି ଯାଞ୍ଚ ବେଳେ ମଦ୍ୟପ ଗାଡି ଚାଳକ ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ । ବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ତରଫରୁ ବ୍ୟାପକ ସଚେତନତା କରାଯିବ। ଏହାସହିତ ସିଏସଆର କାର୍ଯ୍ୟକ୍ରମକୁ ମଧ୍ୟ ଏହି ସବୁ କ୍ଷେତ୍ରରେ ସାମିଲ ହେବା ନିମନ୍ତେ ବିଭିନ୍ନ କର୍ପୋରେଟର ଯଥା ଉତ୍କଳ ଆଲୁମିନା,ଜେକେ କାଗଜ କଳ ଏବଂ ଇମ୍ପା ଥେରୁବାଲିକୁ ଅନୁରୋଧ କରାଯାଇଛି । ବୈଠକରେ ରାୟଗଡ଼ା ଆଞ୍ଚଳିକ ପରିବହନ ଅଧିକାରୀ, ବିଡିଓ, କୋଲନରା, ରାୟଗଡା, କଲ୍ୟାଣସିଂପୁର, ଜିଲା ମଙ୍ଗଳ ଅଧିକାରୀ, ଅନ୍ୟାନ୍ୟ ଜିଲାସ୍ତରୀୟ ଅଧିକାରୀ, ଶିଳ୍ପ ସଂସ୍ଥାର ଲୋକସମ୍ପର୍କ ଅଧିକାରୀ, ଉପଖଣ୍ଡ ସ୍ଥରୀୟ ଅଧିକାରୀ ଯୋଗ ଦେଇଥିଲେ।

